## ସରସ୍ୱତୀ ଶିକ୍ଷା ମନ୍ଦିରରେ ବାର୍ଷିକ ଉତ୍ସବ

ବ୍ରହ୍ମବରଦା,(ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ବନ୍ଦଡ଼ିହ ଗ୍ରାମର ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ତାରକାନ୍ତ ଅଗସ୍ତି, ଏସ୍‌ସିବି ଡା ରମେଶ ଚନ୍ଦ୍ର ଦାସ, ଉପ ମଣ୍ଡଳ ଶିକ୍ଷାଧିକାରୀ ଡକ୍ଟର ପଭଞ୍ଜନ ପତ, ଯୋଗେନ୍ଦ୍ର ନାଥ ବସ୍ତିଆ, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଦୀପ ଦାସ, ଡ଼ ପ୍ରଫୁଲ ଗିରି, କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀ, ସୌଭାଗ୍ୟ ନନ୍ଦ ମିଶ୍ର ଯୋଗଦାନ କରିଥିଲେ। ନିରାକର ବେହେରା, ସୁଶାନ୍ତ ବେହେରା, ରଞ୍ଜିତ ଦଳାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଶଙ୍କର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଆନ୍ଦୋଳନ



ଆନ୍ଦୋଳନରତ ଯୁବକମାନେ।

## ଅଣଓଡ଼ିଆ କର୍ମଚାରୀଙ୍କ ଗେଟ୍ ପାସ୍ ଛଡ଼ାଇନେଲେ ସ୍ଥାନୀୟ ବେକାର ଯୁବକ

କାଳିଆପାଣି,୪।୫(ଅସିତ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଅଣଦେଖା କରି ଅଣଓଡ଼ିଆଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଥିବା ଅଭିଯୋଗ କରି ସ୍ଥାନୀୟ ଅଞ୍ଚଳବାସୀ ସୋମବାର ଇମ୍ଫା କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ଶତାଧିକ ଯୁବକ କମ୍ପାନୀର ମୁଖ୍ୟ ଫାଟକରେ ପହଞ୍ଚି ସ୍ଥାନୀୟ କର୍ମଚାରୀ ଓ ଶ୍ରମିକମାନଙ୍କୁ ଖଣି ଭିତରକୁ ଛାଡ଼ିଥିବାବେଳେ ରାଜ୍ୟ ବାହାର କର୍ମଚାରୀଙ୍କ ଗେଟ୍ ପାସ୍‌କୁ ଛଡ଼େଇ ନେଇଥିଲେ। ଫଳରେ ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛି। ଏହି ଆନ୍ଦୋଳନକୁ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ ପୂର୍ଣ୍ଣ ସମର୍ଥନ ଦେଇଛି। ସୂଚନା ଅନୁଯାୟୀ ଇମ୍ଫା ଭୂତଳ ଖଣିରେ ଉତ୍ପାଦନ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମାହେଶ୍ୱରୀ ପ୍ରାଇଭେଟ୍ କମ୍ପାନୀରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରୁ ୫୦ ପ୍ରତିଶତ ରାଜ୍ୟ ଓ ଜିଲା ବାହାରୁ ନିଯୁକ୍ତି ପାଇଛନ୍ତି। କମ୍ପାନୀରେ ୩ ସିଫ୍ଟ କାମ ଚାଲୁଥିବାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗେଟ୍ ସମ୍ମୁଖରେ ୟୁନିଅନ ପକ୍ଷରୁ ବିରୋଧ କାର୍ଯ୍ୟକ୍ରମ ଚାଲୁ ରହିଥିବା ଦେଖିବାକୁ ମିଳିଛି। ଏ ନେଇ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା କହିଛନ୍ତି, ଇମ୍ଫାର ଭୂତଳ ଖଣିରେ କାର୍ଯ୍ୟରତ ଠିକାଦାରଙ୍କ ମନମାନି ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସମ୍ପୃକ୍ତ ଠିକାଦାର ଏକଚ୍ଛତ୍ର ଭାବେ ବାହାର ଲୋକଙ୍କୁ ଉଚ୍ଚ ଦରମା ପ୍ରଦାନ କରୁଥିବାବେଳେ ସ୍ଥାନୀୟ ଯୁବକଙ୍କୁ କମ୍ ଦରମା ଦେଇ ବେଠି ଖଟାଉଛନ୍ତି। ଏଣୁ ବାହାର ଲୋକଙ୍କୁ ହଟାଇ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି।

# ନାବାଳିକା ଅପହରଣ ମାମଲା, ଅଭିଯୁକ୍ତ ଗିରଫ

## ସୁଧାର ଗୃହକୁ ଗଲେ ନାବାଳିକା

ପାଣିକୋଇଲି, ୪।୫(ବିକାଶ ଚନ୍ଦ୍ର ମଲ୍ଲିକ):

ଯାଜପୁର ଜିଲା ପାଣିକୋଇଲି କଲେଜ ପଡିଆ ନିକଟରେ ଭଡାରେ ରହୁଥିବା ଜଣେ ନାବଳିକା(୧୧)ଙ୍କୁ ଶୁକ୍ରବାର ଅପହରଣ କରାଯାଇଥିବା ନେଇ ଶୁକ୍ରବାର ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ସୋମବାର ପାଲିସ ଭାବଗ୍ରାହୀ ପରିଡା(୩୩)ଙ୍କୁ ଗିରଫ କରିଛି। ଦଫା ୧୩୭(୨), ୩୦୩(୨) ବିଏନଏସରେ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଅଭିଯୋଗ ଅନୁସାରେ ଶୁକ୍ରବାର ନାବାଳିକା ଜଣଙ୍କ ଘରୁ କୁଆଡେ ଅନ୍ତର୍ଦ୍ଧାନ



ଅଭିଯୁକ୍ତ ଭାବଗ୍ରାହୀ ପରିଡା।

ଯାଇଥିଲେ। ସିସି ଟିଭି ଫୁଟେଜ ଆଧାରରେ ନାବାଳିକା ଜଣଙ୍କ ଏକ ସାଇକେଲରେ କଲେଜ ପଡିଆରେ ବୁଲୁଥିବା ବେଳେ ଭାବଗ୍ରାହୀ ତାଙ୍କୁ ସାଇକେଲରେ ବସାଇ ନେଇଯାଇଥିବା ଜଣାଥିଲା୍ ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ସିସିଟିଭି ଓ ବିଭିନ୍ନ ଦିଗକୁ ଅଧାର କରି ତଦନ୍ତ ଆରମ୍ଭ କରିଥିଲା । ବହୁ ଖୋଜାଖୋଜି ପରେ ନାବାଳିକା ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ଥିବା ଜଣାପଡିଥିଲା । ସେ ଏକ ଦେକାନ ନିକଟରେ ଛିଡା ହୋଇ କାନ୍ଦୁଥିବା ବେଳେ ସେଠାକାର ଲୋକେ ପୋଲିସକୁ ଖବର ଦେଇଥିଲେ । ପରେ ଏଠାକାର ପୋଲିସ ତାଙ୍କୁ ଉଦ୍ଧାର କରି ସ୍ୱଧାର ଗୃହରେ ଛାଡିଥିଲା । ଏନେଇ ଏକ ମାମଲା (ନଂ.୧୪୮/୨୬)ରୁଜୁ ହୋଇଥିଲା। ଉକ୍ତ ଯୁବକ ଜଣଙ୍କ ନାବଳିକାଙ୍କୁ ନେଇ ଧାମନଗରରେ ଛାଡି ପଳାଇ ଯାଇଥିଲେ। ତଦନ୍ତକୁ ଅଧିକ କ୍ରିୟାଶୀଳ କରି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନିର୍ଦ୍ଦେଶରେ ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ଧାମନଗର ଥାନା ଦିହୁଡି ଆନନ୍ଦପୁର ଉତେଇପୁର ଗ୍ରାମରୁ ଅଭିଯୁକ୍ତ ଧୁଷା ଓରଫ ଭାବଗ୍ରାହୀ ପରିଡା(୩୩)ଙ୍କୁ ଗିରଫ କରିଥିଲା।

# ୮୭୪୯ ଜଣ ପାଇଲେ ସୁଭଦ୍ରା ସହାୟତା ରାଶି

ଯାଜପୁର ସଦର, ୪।୫
(ସମର ବିଜୟ ଶରଣ)

ସୁଭଦ୍ରା ଯୋଜନାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତି ପାଇବାରୁ ବଞ୍ଚିତ ହିତାଧିକାରୀଙ୍କୁ ସୋମବର ସହାୟତା ରାଶି ପ୍ରଦାନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାର ୧୩୪୫ ଜଣଙ୍କୁ ପ୍ରଥମ କିସ୍ତି, ୧୩୭୭ ଜଣଙ୍କୁ ଦ୍ୱିତୀୟ କିସ୍ତି, ୬୦୨୭ ଜଣଙ୍କୁ ତୃତୀୟ କିସ୍ତିର ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ସହାୟତା ରାଶି ପ୍ରଦାନ ଅବସରରେ ଅଧିକାରୀମାନେ।

# ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ ଅଭିଯୋଗ

## ଅଭିଯୁକ୍ତ, ଶ୍ରମିକ ସର୍ଦ୍ଦାରଙ୍କୁ ଥାନାକୁ ଆଣି ପଚରାଉଚରା

ପାଣିକୋଇଲି, ୪।୫(ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ପଥରପଦା ପଞ୍ଚାୟତ ଅଞ୍ଚଳର ଜଣେ ନାବଳିକାଙ୍କୁ ଅସାଦାଚରଣ ଉଦ୍ୟମ ଅଭିଯୋଗରେ ପାଣିକୋଇଲି ପୋଲିସ ଅଭିଯୁକ୍ତ ଯୁବକଙ୍କ ସହ ଶ୍ରମିକ ସର୍ଦ୍ଦାରଙ୍କୁ ଅଟକ ରଖିଛି । ସୋମବାର ନାବଳିକାଙ୍କର ବୟାନ କରାଯାଇଛି। ତାଜପୁର ଆଦିବାସୀ ବସ୍ତି ନିକଟରେ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୋଦାମ ନିମନ୍ତେ ଗୃହ ନିର୍ମାଣ ଚାଲୁଥିବାବେଳେ ସେଠାରେ ଭଦ୍ରକ ଅଞ୍ଚଳର କେଜେଣ ଶ୍ରମିକ ରହି କାମ କରୁଛନ୍ତି। ତେବେ ରବିବାର ପୀଡିତାଙ୍କ ବାପା ଓ ମା' ସବୁଦିନ ପରି କାର୍ଯ୍ୟକୁ ଯିବା ଘରେ ୧୧ବର୍ଷୀୟ ନାବାଳିକା ଥିଲେ। ଏହି ସମୟରେ ଭଦ୍ରକ ଜିଲାର ସେକ ଅନୱର (୫୦) ଘରେ ପଶି ତାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଅନୱର ତାଙ୍କ ମୁହଁକୁ ଚାପି ଧରି ଜୀବନରୁ ମାରି ଦେବା ଲାଗି ଉଦ୍ୟମ କରି ସେଠାରୁ ପଳାଇଥିଲେ। ପୀଡିତାଙ୍କ ମା' ଅପରାହ୍ନରେ ଘରେ ପହଞ୍ଚିବା ପରେ ନାବାଳିକା ସବୁ କଥା କହିଥିଲେ। ପରେ ଏ ନେଇ ସେଥାନାରେ ଅଭିଯୋଗ କରିଥିଲେ। ଏକ ମାମଲା କରି ପୋଲିସ ଅନୱାରଙ୍କୁ ଥାନା ଆଣି ପଚରାଉଚରା କରୁଛି। ପରେ ଶ୍ରମିକ ସର୍ଦ୍ଦାରକଙ୍କୁ ଆଣି ଅଧିକ ତଦନ୍ତ ଜାରି ରଖିଛି'। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# କୃତୀ ଛାତ୍ରୀଛାତ୍ରଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା



ଭାଜପା ପକ୍ଷରୁ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସିଂହପୁର, ୪।୫(ଅନଙ୍ଗ ଉଦୟ ବେଉରିଆ)

ବିଂଝାରପୁର ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ଏ-୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଭାଜପା ବିଂଝାରପୁର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦଳର ନେତ୍ରୀ ବବିତା ମଲ୍ଲିକ ପାର୍ଟି କାର୍ଯ୍ୟାଳୟଠାରେ କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ, ସମ୍ପୃକ୍ତ ସ୍କୁଲର ଶିକ୍ଷକ ମାନେ, ମଣ୍ଡଳୀର ସଭାପତି ସଞ୍ଜୟ ପତି, ମନୋରଞ୍ଜନ ସାହୁ, ଶୁକଦେବ ଦାସ, ଚିନ୍ମୟୀ ପାଣ୍ଡବ, ପୁରୁଷୋତ୍ତମ ବେହେରା, ସଂଯୋଜକ ନିରଞ୍ଜନ ବେଉରିଆ, ସୈରେନ୍ଦ୍ର ସାମଲ, ପ୍ରଶେସ ସୁତାର, ଦେବେନ୍ଦ୍ର ମଲ୍ଲିକ, ରବିନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

# ପଶ୍ଚିମବଙ୍ଗ ବିଜୟରେ ଉତ୍ସବ ମନାଇଲେ ଭାଜପା କର୍ମୀ

ଦଶରଥପୁର, ୪।୫(ସୁଶାନ୍ତ କୁମାର ବେହୁରିଆ)

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପାର ବିପୁଳ ବିଜୟ ଓ ଆସାମ ବିଧାନସଭା ନିର୍ବାଚନରେ ଭାଜପା ପୁନର୍ବାର କ୍ଷମତାକୁ ଫେରିବା ପରେ ଦଳୀୟ କର୍ମୀମାନେ ଉତ୍ସାହିତ ହୋଇପଡିଛନ୍ତ। ସେହି କ୍ରମରେ ସୋମବାର ସନ୍ଧ୍ୟାରେ ଯାଜପୁର ନିର୍ବରଚନ ମଣ୍ଡଳୀ ଓ ବିଂଝାରପୁର ନିର୍ବାଚନ ମଣ୍ଡଳୀର ମିଳନସ୍ଥଳୀ ମଙ୍ଗଳପୁର ବଜାର ପରିସରରେ ଭାଜପା କର୍ମୀମାନେ ବିଜୟ ଉତ୍ସବ ପାଳନ କରିଛନ୍ତି। ଭାଜପା ନେତା ଅଭିମନ୍ୟୁ ମହାନ୍ତି, ପ୍ରମୋଦ ପଣ୍ଡା, ସରୋଜ ମଲ୍ଲିକ, ଗୋପୀନାଥ ଜେନା, ଶଶଧର ବେହୁରିଆ, ଉମାକାନ୍ତ ଦାଶ, ସବ୍ୟସାଚୀ ଦାଶ ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ବାଣ ଫୁଟାଇବା ସହିତ ଭାଜପା ଜିନ୍ଦାବାଦ, ନରେନ୍ଦ୍ର ମୋଦି ଜିନ୍ଦାବାଦ ଓ ଜୟ ଶ୍ରୀରାମ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ କର୍ମୀ ଓ ଜନସାଧାରଣଙ୍କୁ ଝାଲ ମୁଢ଼ି ବଣ୍ଟନ କରାଯାଇଥିଲା ।

# ଦାୟିତ୍ୱ ନେଲେ ପାକ୍ସ ସମ୍ପାଦକ



ପାଣିକୋଇଲି, ୪।୫(ବିକାଶ ଚନ୍ଦ୍ର ମଲ୍ଲିକ)

କୋରେଇ ବ୍ଲକ ଅମୃତିଆ ପଞ୍ଚାୟତର ବଗିରିଆ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକଭାବେ ସୋମବାର ବରୁଣ୍ଡାଇ ପାକ୍ସର ସମ୍ପାଦକଭାବେ କାହ୍ନୁ ଚରଣ ବେହେରା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାକ୍ସ ସମ୍ପାଦକ ସୁଦର୍ଶନ ମଲ୍ଲିକ ଗତ ଏପ୍ରିଲ ୩୦ ତାରିଖରେ ଅବସର ଗ୍ରହଣ କରିଥିଲେ। ତା'ପୂର୍ବରୁ ଚଞ୍ଚକତା କରି ସେ ତାଙ୍କ ପୁଅଙ୍କୁ ସହସମ୍ପାଦକଭାବେ ନିଯୁକ୍ତି କରିବା ଯୋଜନା କରିଥିଲେ। ହେଲେ ବୋର୍ଡ ସଦସ୍ୟଙ୍କ ଅଭିଯୋଗ ପରେ ଥଇଥାନ କରିବା ଫସର ଫାଟିଥିଲା । ଏନେଇ ସଦସ୍ୟମାନେ ସମବାୟ ସମିତିର ଉପନିବନ୍ଧକଙ୍କ ପାଖରେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ କରାଯାଇଥିବା ବେଳେ ସଭାପତି ଓ ସମ୍ପାଦକ ଅନୁପସ୍ଥିତ ରହିଥିଲେ । ଫଳରେ ବରୁଣ୍ଡାଇ ପାକ୍ସର ସମ୍ପାଦକଙ୍କୁ ଅତିରିକ୍ତଭାବେ ବଗିରିଆ ସମ୍ପାଦକ ଭାର ତୁଲାଇବା ପାଇଁ ନିବନ୍ଧକ ଚିଠି କରିଥିଲେ। ତଦନୁଯାଇ ବରୁଣ୍ଡାଇ ସମ୍ପାଦକ ବଗିରିଆ ପାକ୍ସର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଧାନଶିକ୍ଷକଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ରସୁଲପୁର, ୪।୫(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଚଣ୍ଡିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ବୈଦ୍ୟନ୍ଦ୍ରନାଥ ସାହୁ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କୁ କୁଆଖିଆ ଅଞ୍ଚଳରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅଭିଭାବକ, ବିଦ୍ୟାର୍ଥୀ, ପୁରାତନ ଛାତ୍ରୀଛାତ୍ରମାନେ ମିଳିତ ଭାବରେ ବିଭିନ୍ନ ଗାଁ ବୁଲାଇବା ସହ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରଗ୍ରହଣ କରିବା ପରେ ପୂର୍ବଭଳି ସାର୍ ବିଦ୍ୟାଳୟକୁ ଆସନ୍ତୁ ବୋଲି ବିଭିନ୍ନ ସ୍ଥାନରେ ଲୋକେ ଅନୁରୋଧ କରିଥିଲେ ।

ପ୍ରକାଶଥାଉକି, ପ୍ରଧାନଶିକ୍ଷକ ବୈଦ୍ୟନ୍ଦ୍ର ନାଥ ସାହୁ ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥି ସହିତ ବିଦ୍ୟାଳୟରେ ୩୪ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟକରି ସେହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ କାର୍ଯ୍ୟଦକ୍ଷତା, ସୁଶିକ୍ଷକତା, ବିଦ୍ୟାର୍ଥୀମାନଙ୍କୁ ପାଠପଢାଇବା ସହ ଚରିତ୍ର ଗଠନ ଦିଗରେ ଗୁରୁତ୍ୱ ଦେବା ଭଳି କେତେକ ଭଲଗୁଣ ଯୋଗୁ ସେ ଘରେ ଘରେ ବଇଦା ସାର ଭାବରେ ପରିଚିତ ଥିଲେ। ସରକାରୀ ନିୟମାନୁଯାଇ ସାରଙ୍କୁ ଚାକିରୀରୁ ବିଦାୟ ନେବାକୁ ପଡିବ । ମାତ୍ର ସେ ବିଦ୍ୟାଳୟ ଛାଡିବେ ନାହିଁ, ନିୟମିତ ବ୍ୟବଧାନରେ ବିଦ୍ୟାଳୟକୁ ଆସି ପିଲାମାନଙ୍କର ଭଲମନ୍ଦ କଥା ବୁଝିବାକୁ ଗାଁ ଲୋକେ ଅନୁରୋଧ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ବେଣୁଧର ଶରଣ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲିକ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ଼ ମନୋରଞ୍ଜନ ମହାନ୍ତି, କାହ୍ନୁ ଚରଣ ଦାଶ, ରାଧେଶ୍ୟାମ ମିଶ୍ର, ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ଥିଲେ । ଶିକ୍ଷକ ସୁଶାନ୍ତ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ବିଦ୍ୟାର୍ଥୀ, ଗ୍ରାମର ଯୁବକମାନଙ୍କ ମଳିତ ଉଦ୍ୟମରେ କାର୍ଯ୍ୟକ୍ରମ ସମ୍ପାଦାନ କରାଯାଇଥିଲା ।



ପ୍ରଧାନଶିକ୍ଷକ ବୈଦ୍ୟନ୍ଦ୍ରନାଥ ସାହୁଙ୍କୁ ଫଳକ ଦେଇ ବିଦ୍ୟାର୍ଥୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା, ୪।୫(ବଟକୃଷ୍ଣ ପରିଡା)

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ଗ୍ରାମପଞ୍ଚାୟତ ନରସିଂହପୁର ଗ୍ରାମସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅଞ୍ଜନ କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ପ୍ରତ୍ୟେକ ଶିକ୍ଷକ ଜଣେ ଜଣେ ବିଶ୍ୱକର୍ମା। ସେମାନେ ଶ୍ରେଣୀ କକ୍ଷରେ ଛାତ୍ରୀଛାତ୍ର ନିର୍ମାଣ କରନ୍ତି। ଜଣେ ଶିକ୍ଷକ ଜୀବନରେ ଅବସର ଗ୍ରହଣ କରେ, ମାତ୍ର ଶିକ୍ଷକତା ବୃତ୍ତି ଚିରନ୍ତନ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷକନେତା ପବିତ୍ର ମୋହନ ମାହାଲା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଜୟନ୍ତ କୁମାର ସାହୁ, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ମଣ୍ଡଳ ସହ ଶିକ୍ଷା ଅଧିକାରୀ ମମିତା ମହାନ୍ତି, ସମ୍ବଳ କେନ୍ଦ୍ର ସଂଯୋଜକ ଅମରେନ୍ଦ୍ର ଜେନା, ବିଦ୍ୟାଳୟ ପରିଚାଳନା ସଭାପତି ଉଦୟ ତରାଇ ଯୋଗଦେଇ ଶିକ୍ଷକତା ବୃତ୍ତିର ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ସମାଜ କଲ୍ୟାଣ ଶିକ୍ଷକ ସଙ୍ଗଠନ ସଂଯୋଜକ ଅରବିନ୍ଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଜଗନ୍ନାଥ ସାହୁ ସ୍ୱାଗତ ଭାଷଣ ଓ ଶିକ୍ଷକ ଜଗନ୍ନାଥ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ପରିଚାଳନା ସମିତି ସଦସ୍ୟ ସଦସ୍ୟା, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶିକ୍ଷୟିତ୍ରୀ,ବିଭିନ୍ନ ବିଦ୍ୟାଳୟରୁ ନିମନ୍ତ୍ରିତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ବିଦାୟୀ ଶିକ୍ଷକଙ୍କ ନୀତି, ଆଦର୍ଶ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ସର୍ବଶ୍ରୀ ହରିହର ସାହୁ, ବସନ୍ତ କିଶୋର ସାହୁ, ଭୀମସେନ ତରାଇ ପ୍ରମୁଖ ବିଦ୍ୟାଳୟର ଇତିହାସ ସଂପର୍କରେ ଆଲୋଚନା କରିଥିଲେ। ପୂର୍ବତନ ଛାତ୍ର ଅଭିଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଧାନଶିକ୍ଷକ ଅଞ୍ଜନ କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଡ଼ଚଣା, ୪।୫(ଦିଲ୍ଲୀପ କୁମାର ମହାନ୍ତି)

ଯାଜପୁର ଜିଲା ବଡଚଣା ଶିକ୍ଷା ମଣ୍ଡଳ ଅଧିନ ନୂଆ ସୁଙ୍ଗୁଡାସ୍ଥିତ ଜନକଲ୍ୟାଣ ସରକାରୀ ଉଚ୍ଚ ବିଦ୍ୟାଳୟ କାର୍ଯ୍ୟାଳୟ ସହାୟକ ଉତ୍ତମ କୁମାର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ମୁଖ୍ୟବକ୍ତା ଏସଡିପିଓ ଶରତ ଚନ୍ଦ୍ର ପାତ୍ର, ସମ୍ମାନୀତ ଅତିଥିଭାବେ ଓଷ୍ଟାର ଯୁଗ୍ମ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଯାଜପୁରପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷକ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ବ୍ଲକ ଓଷ୍ଟା ସମ୍ପାଦକ ସତ୍ୟବାଦୀ ପଣ୍ଡା, ବଡ଼ଚଣା ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ସ୍କୁଲ ସଭାପତି ପ୍ରୀତମ କୁମାର ନାୟକ, ମୋ ସ୍କୁଲ ସଭାପତି ବିଶ୍ୱଜିତ ମହାନ୍ତି, ସିଆରସିସି ଦୀପ୍ତିମୟୀ ବାରିକ, ଅବସରପ୍ରାପ୍ତ ସ୍କୁଲ ପ୍ରଧାନଶିକ୍ଷକ ସନାତନ ଦାସ, ଭାଗ୍ୟଧର ସାହୁ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଆଭା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସର ନେଇଥିବା ଜେନାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀନବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

ଧର୍ମଶାଳା, ୪।୫(ବଟକୃଷ୍ଣ ପରିଡା)

ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ତମ ଜୟନ୍ତୀ ମେ ୩୦ ତାରିଖରେ ପାଳିତ ହେବ । ଏନେଇ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମର ଶ୍ରୀ ଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ଅତିଥିଭାବେ ପୂର୍ବତନ କଲେଜ ଅଧ୍ୟକ୍ଷ ବେଣୁଧର ଶରଣ, ଗଙ୍ଗାଧର ପରିଡ଼ା, ବିଶିଷ୍ଟ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ଡ. ରମାକାନ୍ତ ଜେନା, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ତୁହିନାଂଶୁ ରଥ, ସାମାଜିକ କର୍ମୀ କାହ୍ନୁ ଚରଣ ଦାଶ, ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ଖବରଦାତା ଅଭିମନ୍ୟୁ ଧଳ, ଅଖିଳ କୁମାର ସ୍ୱାଇଁ ଓ ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ଲାବଣ୍ୟଙ୍କ ନୀତିଆଦର୍ଶ ଓ ମୂଲ୍ୟବୋଧ ବାର୍ତାକୁ ଅଧିକ ପ୍ରଚାର ପ୍ରସାର କରିବାକୁ ଗୁରୁତ୍ୱାରୋପ କରିଥିଲେ। ଜୟନ୍ତୀ ସମାରୋହକୁ କାଏମାଠାରେ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । କଳା କ୍ଷେତ୍ରରେ ଜଣେ ସ୍ୱନାମଧନ୍ୟ ଅଭିନେତା ଏବଂ ଶିକ୍ଷା କ୍ଷେତ୍ରରେ ଜଣେ ଆଦର୍ଶ ଶିକ୍ଷକଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ସେହିପରି ଲାବଣ୍ୟଙ୍କ ଜୀବନୀ ଉପରେ ଆଧାରିତ ସ୍ମରଣିକା ସ୍ୱାଭିମାନର ଚତୁର୍ଥ ଭାଗ ପ୍ରକାଶ ନିମନ୍ତେ ଆସନ୍ତା ୧୫ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତିମାନେ ଲେଖା ଦାଖଲ କରିବାକୁ ବୈଠକରେ କୁହାଯାଇଥିଲା । ଜୟନ୍ତୀ ସମାରୋହକୁ ସଫଳ କରିବା ପାଇଁ ଏକ ୧୨ଜଣିଆ ଅଭ୍ୟର୍ଥନା କମିଟି ଗଠନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ କଦମ୍ବ, ଅକ୍ଷୟ ଦାଶ, ଆଇନଜୀବୀ କିଶୋର ନାୟକ, ଭରତ ଚନ୍ଦ୍ର ଦାସ, ସଂଗଠକ ବିବେକାନନ୍ଦ ଦାସ, ରାଧାକାନ୍ତ ପଣ୍ଡା, ସୁନାକର ପଣ୍ଡା, ସୁବାଷ ଦାସ, ଜଗବନ୍ଧୁ ମହାନ୍ତି, ନଟବର ବେହେରା, ଦୟାନିଧି ଦାଶ, ନିତ୍ୟାନନ୍ଦ ବେହେରା, ପ୍ରଭାତ ପଣ୍ଡା, ସୁଦର୍ଶନ ପଣ୍ଡା, ନରେନ୍ଦ୍ର ସିଂ, ବ୍ରଜକିଶୋର ମହାନ୍ତି, ଝୁନାରାଣୀ ମିଶ୍ର, ପଦ୍ମିନୀ ମିଶ୍ର, ନମିତା ବାରିକ, ସ୍ନେହଲତା ଦାଶ, ଦୀପିକା ବରାଳ, ମିନତି ପଣ୍ଡା ଓ କଳ୍ପନା ଜେନା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

OIPR-11001/11144/1/26-27/0002
Sd./- REGISTRAR
ODIA UNIVERSITY

# ଜଗତ୍‌ସିଂହପୁରରେ ବଢ଼ୁଛି ଚୋରା ମାଦକଦ୍ରବ୍ୟ କାରବାର

**■ନକଲି ମଦ ପ୍ରବେଶ ଭୟ ଘାରୁଛି**
**■ସୁଯୋଗ ଅପେକ୍ଷାରେ ରାକେଟ**

ଜଗତ୍‌ସିଂହପୁର, ୪।୫(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ବଢ଼ିଚାଲିଛି। ଏପରି କି ନକଲି ମଦ ପ୍ରବେଶ ଆଶଙ୍କା ଦେଖାଦେଇଛି। ଚୋରା ଓ ନକଲି ମଦ ର୍‌ୟାକେଟ ଜିଲାରେ କାୟା ବିସ୍ତାର କରିବାକୁ ଚାହୁଁଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯାଉଛି। ସମ୍ପ୍ରତି ପ୍ରତି ଗାଁରେ ଚୋରାମଦ କାରବାର ଚାଲିଛି। ଚୋରା ବେପାରୀମାନେ ବିଭିନ୍ନ ବ୍ରାଣ୍ଡର ଦାମ୍ ମନଇଚ୍ଛା ସ୍ଥିର କରୁଛନ୍ତି। ସରକାରୀ ଅନୁମତିପ୍ରାପ୍ତ ମଦଦୋକାନଗୁଡ଼ିକ ଦୂର ହୋଇଥିବାବେଳେ ରାତିଅଧ ଓ ଦିନଦ୍ୱିପ୍ରହର ଯେତେବେଳେ ଚାହିଁଲେ ଗାଁରେ ମଦ ମିଳିପାରୁଛି। ଏଥିଯୋଗୁ ବର୍ଦ୍ଧିତ ଦରରେ ଏହାକୁ ଅନେକେ କିଣିବାକୁ ବାଧ୍ୟ ହେଉଛନ୍ତି। ଏହାର ସୁଯୋଗ ନେଇ ଶସ୍ତାରେ ନକଲି ମଦ କିଣି ଅଧିକ ଟଙ୍କାରେ ବିକି ଭଲ ଲାଭ ଉଠାଉଛନ୍ତି। କେବଳ ମଦ ନୁହେଁ, ବ୍ରାଉନ୍‌ସୁଗାର କାରବାର ମଧ୍ୟ ଚିନ୍ତାର କାରଣ ହୋଇଛି। ଏବେ ବ୍ରାଉନ୍‌ସୁଗାର ର୍‌ୟାକେଟ୍ ଯେଉଁଭଳି ଭାବେ କାୟା ବିସ୍ତାର କରିଚାଲିଛି ତାହା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଥିବା ବେଳେ ଆଗାମୀ ଦିନରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଶଙ୍କା କରାଯାଉଛି। ଜିଲା ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ବିଭିନ୍ନ ସମୟରେ ଯଦିଓ ଚଢ଼ାଉ କରି କେତେକାଂଶରେ ସଫଳତା ପାଉଛନ୍ତି କିନ୍ତୁ ତାହା ଏହି କାରବାର ଉପରେ ପୂର୍ଣ୍ଣ ଅଙ୍କୁଶ ଲଗାଇପାରୁନାହିଁ। ର୍‌ୟାକେଟ୍ ଚେର ଲମ୍ବି ଲମ୍ବି ଚାଲିଛି। ଏନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରା ନ ଗଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନେକେ ପ୍ରତିକ୍ରିୟାରେ କହିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜଗତ୍‌ସିଂହପୁର ସହରରେ ଠିକିବନ୍ଦ ଏକ ନିର୍ଦ୍ଦିଷ୍ଟ ମଦ ଦୋକାନ ସମ୍ମୁଖରେ ସନ୍ଧ୍ୟାହେଲେ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟଫୁଡ୍ ଦୋକାନ ଖୋଲିଯାଇଛି। ମଦ୍ୟପାନ ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ୍ ଗ୍ଲାସ୍, ପ୍ଲେଟ୍ ଓ ମଦବୋତଲ ଇତ୍ୟାଦି ଫୋପାଡ଼ି ଦେଉଛନ୍ତି। ଏହାଦ୍ୱାରା ମଦଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ରାତି ଓ ପ୍ରାତଃ ସମୟରେ ଉକ୍ତ ମଦ ଦୋକାନରୁ କାର, ଅଟୋ, ଚାରିଚକିଆ ଯାନ, ବାଇକ୍ ଓ ସ୍କୁଟର ଆଦିରେ ବହୁ ପରିମାଣର ମଦ ଜିଲା ଓ ଜିଲା ବାହାରକୁ ଚାଲାଣ ହେଉଛି। ଛୋଟ ଚୋରା ବେପାରୀମାନେ ବିଶେଷକରି ସ୍କୁଟର ଉପରେ ନିର୍ଭର କରୁଛନ୍ତି। କାରଣ ଏବେ ସ୍କୁଟରର ଚାହିଦା ନାହିଁ। ଏହାର ମୂଲ୍ୟ ମଧ୍ୟ ବହୁତ କମ୍। ଯଦି ଧରାପଡ଼େ ତେବେ ଅବକାରୀ ବିଭାଗ କିମ୍ବା ପୋଲିସ ସ୍କୁଟର ଜବତକଲେ ସେମାନଙ୍କର କୌଣସି କ୍ଷତି ହେବନାହିଁ। ତେଣୁ ଚୋରା ବେପାରୀମାନେ ପୁରୁଣା ସ୍କୁଟରକୁ ବହୁଳ ବ୍ୟବହାର କରୁଛନ୍ତି। ସେହିପରି ବ୍ରାଉନ୍‌ସୁଗାର କାରବାରରେ ମୂଳଧନର ୩/୪ ଗୁଣ ଲାଭ ହେଉଥିବାରୁ ଏଥିପ୍ରତି ଅନେକ ଅସାଧୁ ଲୋକଙ୍କ ଆକର୍ଷଣ ବଢ଼ୁଛି। ଯେହେତୁ ଏହା ସେବନକଲେ ଛାଡ଼ିବା କଷ୍ଟକର, ତେଣୁ ଚୋରା ଚାଲାଣକାରୀମାନେ ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି। ସେମାନଙ୍କୁ ନିଶା ସେବନରେ ଅଭ୍ୟସ୍ତ କରାଇ କାରବାରରେ ଲଗାଉଛନ୍ତି। ଏଥିରେ ଅନେକ ଶିକ୍ଷିତ ପରିବାରର ପିଲା ସାମିଲ ହେଉଥିବା ନଜର ରହିଛି। ଅନେକ ସମୟରେ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ଚଢ଼ାଉ କରି କେତେକାଂଶରେ ସଫଳ ହେଉଥିଲେ ସୁଦ୍ଧା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏହାର ଚେର କେବଳ ଜଗତ୍‌ସିଂହପୁର ନୁହେଁ, ବରଂ ବାଲେଶ୍ୱର, ଖୋର୍ଦ୍ଧା, କଟକ, ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ପର୍ଯ୍ୟନ୍ତ ଲମ୍ବିଛି। କାରବାର କଟକରୁ ନିୟନ୍ତ୍ରଣ ହେଉଛି। ଅନେକ ଯୁବକ ଏଥିରେ ସାମିଲ ଅଛନ୍ତି। ଏପରି କି ସେମାନଙ୍କ ପାଖରେ ମାରଣାସ୍ତ୍ର ଥିବା ମଧ୍ୟ କୁହାଯାଉଛି। ବ୍ରାଉନ୍‌ସୁଗାର ନେଇ ଏହି ଯୁବକମାନେ ଯୋଜନାବଦ୍ଧ ଭାବେ ବାଇକ୍‌ରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଉଛନ୍ତି। ତା'ପରେ ସେଠାରୁ ଭାଗ ଭାଗ ହୋଇ ଅଲଗା ଅଲଗା ଅଞ୍ଚଳରେ ଏହା ପହଞ୍ଚାଉଛନ୍ତି। ଯିଏ ଯେଉଁଠି ପହଞ୍ଚୁଛନ୍ତି ସେଠାରେ ମଧ୍ୟ ତତ୍କାଳ କାରବାର ପାଇଁ ପ୍ରସ୍ତୁତି ହୋଇଯାଉଥିବା କୁହାଯାଇଛି।

ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅନିତା ପ୍ରଧାନଙ୍କୁ ପଚାରିବାରେ ବାସ୍ତବରେ ଏହି ସମସ୍ୟା ଚିନ୍ତାଜନକ। କିନ୍ତୁ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ ଜାରି ରହିଛି। ଗତବର୍ଷ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ କିଲୋଗ୍ରାମ୍‌ରୁ ଅଧିକ ବ୍ରାଉନ୍‌ସୁଗାର ଜବତ ସହ ଅନେକଙ୍କୁ ଗିରଫ କରାଯାଇଥିଲା। ଚଳିତବର୍ଷ ମଧ୍ୟ ଏହି ଅଭିଯାନ ଜାରି ରହିଥିବା ପ୍ରଧାନ କହିଛନ୍ତି।

## ଏ-୧ରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରୀଙ୍କୁ ୫୦୦୦ ଟଙ୍କାର ଆର୍ଥିକ ସହାୟତା


ସୁକନ୍ୟା ଦାଶଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ରଘୁନାଥପୁର, ୪।୫
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଗୁଆଲିପୁର ପଞ୍ଚାୟତବର୍ତ୍ତୀ ପାଟେଣିଗାଁସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁକନ୍ୟା ଦାଶ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ୫୪୧ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ, ସ୍ଥାନୀୟ ପଞ୍ଚାୟତ ଓ ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ୫୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୋମବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ଥାନୀୟ ସରପଞ୍ଚ ମନଜିନୀ ସାହୁ, ସମିତିସଭ୍ୟ କମଳାକାନ୍ତ ପରିଡା, ପଞ୍ଚସଖା ଶିକ୍ଷାସେତୁ ସଦସ୍ୟ ଅଭିମନ୍ୟୁ ସାହୁ, ନୀହାର ରଞ୍ଜନ ସାହୁ ପ୍ରମୁଖ ସାମିଲ ଥିଲେ। ଭବିଷ୍ୟତରେ ଜଣେ ରାଜ୍ୟ ପ୍ରଶାସନିକ ସେବା ଅଧିକାରିଣୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସୁକନ୍ୟା କହିଛନ୍ତି।

## କୁଜଙ୍ଗରେ ଭାଜପାର ବିଜୟ ଶୋଭାଯାତ୍ରା

କୁଜଙ୍ଗ, ୪।୫(ମନୋଜ ପ୍ରଧାନ)

ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇବା ପରେ ଭାଜପାରେ ଖୁସିର ଲହରି ଖେଳିଯାଇଛି। ପାଞ୍ଚ ରାଜ୍ୟରୁ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ଭାଜପା ବିପୁଳ ବିଜୟଲାଭ କରିଛି। ଏନେଇ ଭାଜପା ଶିବିରରେ ଆନନ୍ଦର ଲହରି ଖେଳିଯାଇଛି। ଏହି ଅବସରରେ ଭାଜପା ଜଗତ୍‌ସିଂହପୁର ଜିଲା ଉପସଭାପତି ତପନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବିଜୟ ଶୋଭାଯାତ୍ରାରେ ବାହାରି କୁଜଙ୍ଗ ବଜାର ପରିକ୍ରମା କରି ମିଷ୍ଟାନ୍ନ ବଣ୍ଟନ କରିବା ସହ ଆତସବାଜି ଫୁଟାଇଥିଲେ। ଏହି ବିଜୟ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, କୁଜଙ୍ଗ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଅମିତ ପ୍ରଧାନ, ମନ୍ତ୍ରୀଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଦେବରାଜ ସାମଲ, ପଙ୍କପାଳ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଚନ୍ଦ୍ରକାନ୍ତି ପଲେଇ ପ୍ରମୁଖ ଶତାଧିକ କର୍ମୀ ସାମିଲ ଥିଲେ।


କୁଜଙ୍ଗରେ ଭାଜପା କର୍ମୀମାନେ ବିଜୟ ଦିବସ ପାଳନ କରୁଛନ୍ତି।

## ଯୁବ ଯାଦବଙ୍କୁ ନେଇ ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ଯୁବ ଯାଦବ ମହାସଭାର କର୍ମକର୍ତ୍ତା।

**ଯୁବ ଯାଦବ ମହାସଭାର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ**

ବାଲିକୁଦା, ୪।୫(ତାପସ ସ୍ୱାଇଁ)

ଉତ୍କଳ ଯାଦବ ମହାସଭା ଓଡ଼ିଶା ଦ୍ୱାରା ସହବନ୍ଧିତ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସାଙ୍ଗଠନିକ ବୈଠକ ଓ ପରିଚାଳନା କମିଟିର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ଏକ ସାଙ୍ଗଠନିକ ବୈଠକ ଗରାମ ପଞ୍ଚାୟତର ଚଁଅରପୁର ନିକଟ ବାବା ମାଧୁରୀ ଆଶ୍ରମ ଚମ୍ପାବାଲି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହା ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଙ୍ଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଙ୍ଗଠନିକ ବୈଠକରେ ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବ ସଙ୍ଗଠକମାନେ ଯୋଗଦେଇ ଯାଦବମାନଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଯାଦବ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଯୁବକମାନଙ୍କୁ ନେଇ ବାଲିକୁଦା ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ଲକ ଯୁବ ଯାଦବ ମହାସଭାର ସଭାପତିଭାବେ ହେମନ୍ତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ଦାସ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ସମ୍ପାଦକ ବିଶ୍ୱନାଥ ପରିଡ଼ା, କୋଷାଧ୍ୟକ୍ଷ ଦୋଳଗୋବିନ୍ଦ ପରିଡ଼ା, ଉପସଭାପତି ବିକାଶ କୁମାର ପରିଡ଼ା, ଗୋପାଳ ଦାସ, ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାସ, ଗାନ୍ଧୀ ଜେନା, ସୋମନାଥ ମାହାର, ସାଙ୍ଗଠନିକ ଜୋନ୍ ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ଦାସ, ବବୁଲ କୁମାର ଦାସ, ବିକାଶ ଦାସ, ଆଦିକନ୍ଦ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ପରାମର୍ଶଦାତା କମିଟିରେ ନିରଞ୍ଜନ ଦାସ, ମନୋଜ କୁମାର ଦାସ, ନରୋତ୍ତମ ଦାସ, ଶଙ୍କର ବହିରା, ଶ୍ରୀକାନ୍ତ ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ସଭାପତି ଇଂ. ପ୍ରଦୀପ କୁମାର ବେହେରା ଓ ଉତ୍କଳ ଯାଦବ ମହାସଭାର ଜଗତ୍‌ସିଂହପୁର ଜିଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରାଙ୍କ ତତ୍ତ୍ୱାବଧାନରେ ବାଲିକୁଦା ବ୍ଲକସ୍ତରରେ ଯୁବ ଯାଦବମାନଙ୍କୁ ନେଇ ସଙ୍ଗଠନ ସୁଦୃଢ଼ କରିବା ପାଇଁ ଏକ କର୍ମଶାଳା ଆଗାମୀ ଦିନରେ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଆଗାମୀ ଦିନରେ ୩୦ ପଞ୍ଚାୟତରେ ଯାଦବ ଭାଇମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଯାଦବ ମହାସଭା ତରଫରୁ ପ୍ରତି ମାସର ଶେଷ ରବିବାରେ ୩ଟି ଲେଖାଏ ପଞ୍ଚାୟତକୁ ନେଇ ପ୍ରତି ମାସର ମାସିକ ସାଙ୍ଗଠନିକ ବୈଠକ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ୪୨ ଗ୍ରାମ ହେରୋଇନ ଜବତ: ଜଣେ ଗିରଫ

ଜଗତ୍‌ସିଂହପୁର ୪।୫ (ପ୍ରମୋଦ କୁମାର ନାୟକ)

ପାରାଦୀପ ଇଫ୍‌କୋ ଅଞ୍ଚଳରୁ ସୋମବାର ୪୨ ଗ୍ରାମ୍ ହେରୋଇନ୍ ଜବତ ହୋଇଛି। କଳାବଜାରରେ ଏହାର ଆନୁମାନିକ ମୂଲ୍ୟ ୪,୨୦,୦୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ତଥା ମୂଷାଡିଆର ଅନିଲ ହଳଧର ଗିରଫ ହୋଇଛନ୍ତି। ଅନିଲ ଦୀର୍ଘଦିନ ଧରି ଆଖପାଖ ଅଞ୍ଚଳରେ ଏହି ବେଆଇନ କାରବାର ଚଳାଇଥିଲେ। ଏ ସମ୍ପର୍କରେ ପାରାଦୀପ ଅବକାରୀ ରେଞ୍ଜ୍‌ରେ ଅଭିଯୋଗ ମଧ୍ୟ ହୋଇଥିଲା। ଏହାକୁ ଗୁରୁତ୍ୱ ଦେଇ ପାରାଦୀପ ଅବକାରୀ ରେଞ୍ଜ୍ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ପାରାଦୀପ ଅବକାରୀ ରେଞ୍ଜର ନିରୀକ୍ଷକ ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହାପରେ ଏହି ରେଞ୍ଜ୍‌ର କର୍ମଚାରୀମାନେ ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ। ଡିଲ୍ ବେଳେ ଯୋଜନା ମୁତାବକ ଅବକାରୀ କର୍ମଚାରୀମାନେ ଅନିଲଙ୍କୁ ମାଡିବସିଥିଲେ। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷିକା ଅନିତା ପ୍ରଧାନ କହିଛନ୍ତି, ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମାମଲା ଥିବା ସନ୍ଦେହ କରାଯାଉଛି। ତେଣୁ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଯାଇଛି। ବିଶେଷକରି ଅଭିଯୁକ୍ତ କେଉଁଠୁ ହେରୋଇନ୍ ଆଣୁଥିଲେ ଓ ଏହା ପଛରେ କାମ କରୁଥିବା ସିଣ୍ଡିକେଟ୍ କିଏ ତାକୁ ଧରିବାକୁ ପ୍ରୟାସ କରାଯାଉଥିବା ପ୍ରଧାନ କହିଛନ୍ତି।

## ଚୋରିରେ ସମ୍ପୃକ୍ତ ଅଭିଯୁକ୍ତ ପୁରୀରୁ ଗିରଫ



ନାଉଗାଁ, ୪।୫(ସୁଧା ବେହୁରା)

ଦୀର୍ଘ ୨ ବର୍ଷ ତଳେ ଏକ ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ନାଉଗାଁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋପାଳପୁର ଭାସିଆକୁଦ ଗ୍ରାମର ସୁନୀଲ ମଲିକ ଓରଫ ପିଣ୍ଟୁ। ଏହି ଗ୍ରାମର ଗୌରାଙ୍ଗ ଚରଣ ମୁଦୁଲିଙ୍କ ଘରେ କେହି ନ ଥିବା ବେଳେ ତାଙ୍କ ଘରର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ବିଭିନ୍ନ ଘରୋଇ ସାମଗ୍ରୀ ସହ ସୁନା ଅଳଙ୍କାର ଓ ନଗଦ ୫ ହଜାର ଟଙ୍କା ନେଇଯାଇଥିଲେ। ଏନେଇ ୭ ଜୁଲାଇ ୨୦୨୪ରେ ଗୌରାଙ୍ଗ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନା ପକ୍ଷରୁ ମାମଲା(ନଂ.୧୮୭/୨୪) ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିଲା। ତଦନ୍ତ ସମୟରେ ୯ ଜୁଲାଇ ୨୦୨୪ରେ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମୁଗେଇ ଗ୍ରାମର ସତ୍ୟବ୍ରତ କାଣ୍ଡିଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଥିଲ। ସେତେବେଳେ ତାଙ୍କ ନିକଟରୁ ଗ୍ରାଇଣ୍ଡର, ସିଲିଂ ଫ୍ୟାନ୍ ଓ ଗୋଟିଏ ଇଣ୍ଡକ୍ସନ ଚୁଲା ଜବତ କରାଯାଇଥିଲା। ମାତ୍ର ତାଙ୍କ ସହଯୋଗୀ ସୁନୀଲ ଫେରାର ହୋଇଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ନାଉଗାଁ ଥାନାଧିକାରୀ ଦେବାଶିଷ ପଣ୍ଡା ସଦଳବଳ ପୁରୀରେ ପହଞ୍ଚି ଏକ ହୋଟେଲରୁ ସୁନୀଲଙ୍କୁ ଧରିଥିଲା। ସୁନୀଲ ସେଠାରେ ଘରୋଇ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ଝାଲମୁଢ଼ି ବାଣ୍ଟିଲେ ବିଧାୟକ

### ପଶ୍ଚିମବଙ୍ଗ, ଆସାମ, ପଣ୍ଡିଚେରୀ ନିର୍ବାଚନରେ ଭାଜପାର ବିଜୟ

ଜଗତ୍‌ସିଂହପୁର, ୪।୫(ପ୍ରମୋଦ କୁମାର ନାୟକ)

ପଶ୍ଚିମବଙ୍ଗ, ଆସାମ ଓ ପଣ୍ଡିଚେରୀରେ ଭାଜପାର ବିଜୟ ପରେ ଜଗତ୍‌ସିଂହପୁର ସହରରେ ଦଳୀୟ ନେତା ଓ କର୍ମୀମାନେ ଉତ୍ସବ ମନାଇଛନ୍ତି। ସ୍ଥାନୀୟ ଥାନା ଛକରେ ଦଳୀୟ କର୍ମୀମାନେ ବାଣ ଫୁଟାଇ, ବାଜା ବଜାଇ, ସ୍ଲୋଗାନ୍ ଦେଇ ଉତ୍ସବ ମନାଇଥିଲେ। ବିଶେଷକରି ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଦଳୀୟ କର୍ମୀଙ୍କୁ ଝାଲମୁଢ଼ି ବାଣ୍ଟିବା ନିଆରା ପରିବେଶ ସୃଷ୍ଟି କରିଥିଲା। ଉତ୍ସବରେ ଦଳର ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ, ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ପାରିଷଦ ଦେବାଶିଷ ସ୍ୱାଇଁ ଓ ଶ୍ରୀକାନ୍ତ ଚୌଧୁରୀଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।


ବିଧାୟକ ଅମରେନ୍ଦ୍ର ଦାସ କର୍ମୀମାନଙ୍କ ସହ ବିଜୟ ଉତ୍ସବ ମନାଉଛନ୍ତି।

## ଅଧ୍ୟବସାୟ ବ୍ୟକ୍ତିତ୍ୱକୁ ଉଚ୍ଚସ୍ତରକୁ ନିଏ

**ଅର୍ଥନୀତି ବିଭାଗ ଛାତ୍ରୀ ଛାତ୍ରଙ୍କ ବନ୍ଧୁମିଳନ**

ଏରସମା, ୪।୫(ଦୀପ୍ତି ଖଣ୍ଡୁଆଳ)


ବନ୍ଧୁମିଳନରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବନ୍ଧୁ ମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଧିରେନ କୁମାର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଡ. ଅଶୋକ କୁମାର ସାମଲ ଅତିଥି ଭାମେ ଯୋଗଦେଇ ଅଧ୍ୟବସାୟ ହିଁ ବ୍ୟକ୍ତିତ୍ୱକୁ ଉଚ୍ଚସ୍ତରକୁ ନିଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର କ୍ଷୀରୋଦ ପ୍ରସାଦ ନାୟକ, ଶିବସୁନ୍ଦର ମୁଦୁଲି, ପ୍ରଭାତ କୁମାର ମୁଦୁଲି, ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ହୋଇ ଛାତ୍ର ଜୀବନର ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ମହାବିଦ୍ୟାଳୟରେ ଅର୍ଥନୀତି ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଦୀପ୍ତିରଞ୍ଜନ ସାହୁ, ଅକ୍ଷୟ କୁମାର ପଲେଇ, ସୁଶ୍ରୀ ସୁଭଦ୍ରା ମଲ୍ଲ, ସୁଶ୍ରୀ ଲିପ୍ସାରାଣୀ ବିଶ୍ୱାଳଙ୍କୁ ଉପଢ଼ୌକନ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶେଷରେ ଅଧ୍ୟାପିକା ମଧୁସ୍ମିତା କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

## ଜଳଦାନ କାର୍ଯ୍ୟକ୍ରମ

ନାଉଗାଁ,୪।୫(ସୁଧା ବେହୁରା): ନାଉଗାଁ ବ୍ଲକ ବାଂଶ ପଞ୍ଚାୟତ ଅନ୍ତର୍ଗତ ଗୋବରୀକୂଳ ଗ୍ରାମର ମା' ବୁଢ଼ୀ ଠାକୁରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗୋଷ୍ଠୀ ପକ୍ଷରୁ ବାଂଶ ନିକଟସ୍ଥ ତେଲସରା-ନାଉଗାଁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଖରାରେ ଯାଉଥିବା ପଥଚାରୀଙ୍କୁ ପାନୀୟଜଳ ବଣ୍ଟନ କରାଯାଉଛି। ଜଳଦାନ ଏକ ମହତ୍ କାର୍ଯ୍ୟ ହୋଇଥିବାରୁ ମହିଳାମାନେ ଲେମ୍ବୁ, ଦହି ଆଦି ପକାଇ ପାନୀୟ ପ୍ରସ୍ତୁତ କରୁଥିବା ବେଳେ ପଥଚାରୀମାନେ ଖରାବେଳେ ତାକୁ ପିଇ ତୃଷ୍ଣା ମେଣ୍ଟାଉଛନ୍ତି। ଗ୍ରୀଷ୍ମଋତୁ ସରିବା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ ବୋଲି ସଂଘର ସଦସ୍ୟାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଂଘର ଇନ୍ଦୁମତି ମହାରଣା, ସୁଶାନ୍ତି ରାଉତ, ସିଲାରାଣୀ ବିଶ୍ୱାଳ, ଶାନ୍ତିଲତା ବିଶ୍ୱାଳ ପ୍ରମୁଖ ପରିଚାଳନା କରୁଛନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର: ୩୮ ଅଭିଯୋଗ ପଞ୍ଜୀକୃତ

**ପ୍ରଚାର ପ୍ରସାର ଅଭାବରୁ କମୁଛି ଅଭିଯୋଗକାରୀଙ୍କ ସଂଖ୍ୟା**

ରଘୁନାଥପୁର,୪।୫(ରାଜେନ୍ଦ୍ର ନାରାୟଣ ସିଂହ)



ଜନଶୁଣାଣିରେ ଯୋଗଦେଇଥିବା ଜିଲାପାଳ ଜେ.ସୋନାଲ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ଶିବିରରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୩୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୩୦, ଗୋଷ୍ଠୀଗତ ଅବା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୩୦ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମ୍ବନ୍ଧୀୟ ୪, ଆବାସ ଯୋଜନା ୩, ଜମିଜମା ସମସ୍ୟା ୪, ପୋଲିସ ସହାୟତା ପାଇଁ ୨, ପେନ୍‌ସନ ୩ ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

**NOTICE**

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
| --- | --- |
| (Professors/ Associate Professors/ Assistant Professors) | 21 |

OIPR-11001/11144/1/26-27/0002

Sd./- REGISTRAR
ODIA UNIVERSITY

# ସଞ୍ଜୟଙ୍କ ଧରିତ୍ରୀ କାର୍ଟୁନ ସଂଗ୍ରହ ନିଶା

## ୧୩ ବର୍ଷରେ ସଂଗ୍ରହ କଲେଣି ୩୦୨୫ କାର୍ଟୁନ

ନୟାଗଡ଼, ୪।୫ (ଲୋକନାଥ ମିଶ୍ର)

ଧରିତ୍ରୀ କାର୍ଟୁନ କାଟି ତାକୁ ଖାତାରେ ସାଇତି ରଖୁଛନ୍ତି ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଦୁର୍ଦ୍ଧୁରା ଗାଁର ସଂଗ୍ରାହକ ସଞ୍ଜୟ କୁମାର ସାହୁ। ୧୩ ବର୍ଷ ହେଲା ସଞ୍ଜୟ ଏହି କାର୍ଟୁନ ସଂଗ୍ରହକରି ଆସୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୩୦୨୫ କାର୍ଟୁନ ସଂଗ୍ରହ କରି ସାରିଲେଣି। ସଞ୍ଜୟ ଜଣେ ସଂଗ୍ରାହକ ଓ ପରିବେଶବିତ୍ ଭାବେ ଜଣାଶୁଣା। ପିଲାଟି ଦିନରୁ ବିଭିନ୍ନ ଉପକରଣ ସଂଗ୍ରହ କରି ଗଢ଼ିଛନ୍ତି ଶ୍ରୀଜଗନ୍ନାଥ ସଂଗ୍ରହାଳୟ। ନିଜ ସଂଗ୍ରହାଳୟ ପାଇଁ ସେ ତାଳପତ୍ର ପୋଥି, ବିଭିନ୍ନ ଦେଶର ମୁଦ୍ରା, ଦେଶ ବିଦେଶର ଖବରକାଗଜ, ବିଭିନ୍ନ କିମସର ଧାନ, ଦିଆସିଲି ଖୋଳ, ପାଞ୍ଜି, କ୍ୟାଲେଣ୍ଡର, ଆଦିବାସୀଙ୍କ ବ୍ୟବହୃତ ପରି ଅନେକ ଦୁର୍ଲଭ ଉପକରଣ ସଂଗହକରି ପାରିଛନ୍ତି। ତେବେ ୭ ନଭେମ୍ବର ୨୦୧୩ରେ ନୟାଗଡ଼ ଧରିତ୍ରୀ ଅଫିସକୁ ଆସି ଆଳୁ ଉପରେ ଓ ଚଗଲା ଭୀମୁ ଉପରେ ୨ଟି କାର୍ଟୁନ ସଂଗ୍ରହ କରିଥିଲେ। କାର୍ଟୁନରେ ଉଲ୍ଲେଖ ଥିଲା ଏ ୩୦ ଟଙ୍କିଆ ଆଳୁ ପ୍ରବଳ ଖଟା ଲାଗୁଛି। ଟିକିଏ ପାଟିରେ ବାଜିଲେ ମୁହଁକୁ ବଙ୍କେଇ ଦେଉଛି। ଆଉ ୨ ରୁ ୪ ଦିନ ଚଳାଉ ଥାଅ। ୧୪ ଟଙ୍କିଆ ଆଳୁ ପଠଉଚି। ସେହିଭଳି ଚଗଲା ଭୀମୁରେ ଟ୍ରାଫିକ ପୋଲିସ ସମ୍ପର୍କରେ କାର୍ଟୁନ ଅଛି। ପୁଣି ୨୦୨୬ ମେ ୩ରେ ଡର ନାହିଁ ଏହା ହେଉଛି ବିପର୍ଯ୍ୟୟ ବେଳର ସତର୍କସୂଚନା। ମୋବାଇଲକୁ ଆସୁଛି ଏମରଜେନ୍ସି ଆଲର୍ଟ କାର୍ଟୁନ ଖାତାରେ ସଂଗ୍ରହ ହୋଇ ସାରିଛି। ଏଭଳି ପ୍ରତ୍ୟହ ଖବର କାଗଜ କିଣି କାର୍ଟୁନକୁ କାଟି ଖାତାରେ ଅଠା ଦେଇ ସାଇତି ରଖିଥିଲେ। ଖବରକାଗଜ ଘରକୁ ନ ଆସିଲେ ଅନ୍ୟ ସ୍ଥାନରୁ ଯାଇ ସଂଗ୍ରହ କରିଥାନ୍ତି। ଧୀରେ ଧୀରେ ଏବେ ୮ ଖାତା ହୋଇସାରିଲାଣି। ୮ଟି ଖାତାରେ ୩୦୨୫ କାର୍ଟୁନ ଅଛି। ସଂଗୃହୀତ କାର୍ଟୁନକୁ ସଞ୍ଜୟ ଲାଇବ୍ରେରିରେ ରଖିଛନ୍ତି। କାର୍ଟୁନ ଖାତାଟି ଫୁଲ୍ ହୋଇଗଲା ପରେ ତାକୁ ସଂଗ୍ରହାଳୟରେ ସାଇତି ରଖାଯାଏ। ସଂଗ୍ରହାଳୟକୁ ଅନେକ ଲୋକ ଆସିଥାନ୍ତି। କାର୍ଟୁନ ସମେତ ବିଭିନ୍ନ ଉପକରଣ ଦେଖିଥାନ୍ତି। ଏନେଇ ସଞ୍ଜୟ ସାହୁ କୁହନ୍ତି, କାର୍ଟୁନ ସଂଗ୍ରହରେ ବୋଉ ମାଳତୀ, ଝିଅ ସ୍ମୃତିରେଖା, ସ୍ତ୍ରୀ ଲିଜାରାଣୀ ଓ ଭାଇ ଉପେନ୍ଦ୍ର ସହଯୋଗ କରୁଛନ୍ତି। କାର୍ଟୁନରୁ ଅନେକ କିଛି ଶିକ୍ଷା ମିଳିଥାଏ ; ଯାହାକି ସମସ୍ତଙ୍କ ପାଖରେ ନ ଥାଏ ବୋଲି କହିଛନ୍ତି। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଏହି କାର୍ଟୁନ ସଂଗ୍ରହ କରିବି। ତେବେ କାର୍ଟୁନ ସବୁବେଳେ ବାହାରୁ ନ ଥିବାରୁ ସଂଖ୍ୟା ବଢୁ ନାହିଁ ବୋଲି କହିଛନ୍ତି।


ସଞ୍ଜୟ କୁମାର ସାହୁ କାର୍ଟୁନ ପ୍ରଦର୍ଶନ କରୁଛନ୍ତି।

# ମା'ବାଗ୍‌ଦେବୀ ମନ୍ଦିରର ରତ୍ନମୁଦ ଉତ୍ସବ


ରତ୍ନମୁଦ ଉତ୍ସବରେ ଯୋଗଦେଇଥିବା ପଣ୍ଡିତମାନେ ।

ଓଡ଼ଗାଁ,୪।୫(ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ନିକଟ ପଞ୍ଚୁପାଣ୍ଡବ ପାହାଡ ପାଦଦେଶର ବିରାଜିତ ମା' ବାଗ୍‌ଦେବୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ବେଦଜ୍ଞ ବ୍ରାହ୍ମଣ ସନ୍ତୋଷ କୁମାର ତ୍ରିପାଠୀ,ଲିଙ୍ଗରାଜ ତ୍ରିପାଠୀ, ନୃସିଂହ ପ୍ରସାଦ ଶତପଥୀ, ଜଗମୋହନ ମିଶ୍ର, ଜଗନ୍ନାଥ ମିଶ୍ର, ଚିନ୍ମୟ ମିଶ୍ର,ତୋଫାନ କୁମାର ତ୍ରିପାଠୀ,ବିଶ୍ୱଭୂଷଣ କର,ଅରୁଣ କୁମାର ତ୍ରିପାଠୀ ଓ ହେମନ୍ତ ହୋତାଙ୍କ ଦ୍ୱାରା ସମସ୍ତ ନିତିକାନ୍ତି ଓ ପୂଜାବିଧି ସହିତ ଚଣ୍ଡୀପୋଖରୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି କଳସ ଶୋଭାଯାତ୍ରାରେ ଆଣି ମା'ଙ୍କ ପୀଠରେ ପହଞ୍ଚିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାହୁତି ପ୍ରଦାନ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। ମା'ବାଗଦେବୀଙ୍କ ନବନିର୍ମିତ ମନ୍ଦିର ଶିଖରରେ ଧାନ,ଚାଉଳ,ବିରି ବରା ସୁନା,ରୁପା,ଟଙ୍କା,ପଇସା ଇତ୍ୟାଦି ଭର୍ତ୍ତି କରି ରତ୍ନମୁଦ କରାଯାଇଥିଲା। କୁରାଳର ବରପୁତ୍ର ସ୍ୱର୍ଗତ ପଣ୍ଡିତ ସନାତନ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ପ୍ରଫେସର ଗୋଦାବରୀଶ ମିଶ୍ର ଓ ତାଙ୍କ ସ୍ତ୍ରୀ କଲ୍ୟାଣୀ ମିଶ୍ର କର୍ତ୍ତାଭାବେ ରହିଥିଲେ। ସରପଞ୍ଚ ବିଜନ ପାଇକରାୟ, ସୁରେଶ ପ୍ରଧାନ, ନବୀନ ସାହୁ, ସୁବାସ ପ୍ରଧାନ, ସୀମାଞ୍ଚଳ ସାହୁ, ବିରଞ୍ଚି ସାହୁ, ପାଣୁ ଖଟେଇ, ଶାନ୍ତନୁ ଚୌଧୁରୀ, ଟୁନା ଦାସ ଓ ବିଭୁପ୍ରସାଦ ମହାରଣାଙ୍କ ସମେତ କୁରାଳ,ତୋଟାପଲ୍ଲୀ ଓ ଧଖୋଲା ଗ୍ରାମବାସୀ ସହଯୋଗ କରିଥିବା ଜଣାପଡିଛି।

# ଆରମ୍ଭ ହେଲା ନୀଳମାଧବଙ୍କ ପାରମ୍ପରିକ ଚାଚେରୀ ଭୋଗ ପରମ୍ପରା



ଖଣ୍ଡପଡ଼ା, ୪।୫ (ଅଜୟ କୁମାର ମହାରଣା)

କଣ୍ଟିଲୋ ବିଜେ ଶ୍ରୀ ଶ୍ରୀ ନୀଳମାଧ ଜୀଉଙ୍କ ପାରମ୍ପରିକ ଚାଚେରୀ ଭୋଗ ଲାଗି ପରମ୍ପରା ରବିବାର ରାତିରୁ ଦେବୋତ୍ତର ବିଭାଗ ନିର୍ଦ୍ଧାରିତ ତାଲିକା କ୍ରମେ ଆରମ୍ଭ ହୋଇଛି। ଠାକୁରଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟକ୍ରମ ଅନୁସାରେ ୧୪ ଚାପ ରବିବାର ରାତିରେ ଚନ୍ଦନ ପୁଷ୍କରିଣୀରେ ଖେଳି ସାରିବା ପରେ କଣ୍ଟିଲୋ ପଞ୍ଚାୟତ ଅଧୀନରେ ଥିବା ପାଣୁସାହୁ ପାଟଣା ଓ କୁଞ୍ଜବିହାରୀପୁର ପାଟଣା ପରିକ୍ରମା କରି ଶ୍ରୀ ମଦନ ମୋହନ ଲକ୍ଷ୍ମୀ ସରସ୍ୱତୀ ଓ ଶିବ ପାର୍ବତୀଙ୍କ ସହ ଚାଚେରୀ ଭୋଗ ଲାଗି ହୋଇ ଭୋର ସମୟରେ ମନ୍ଦିରକୁ ଫେରିଥିଲେ । ସେହିପରି ସୋମବାର ରାତି ଚାପ ପରେ ପୁନର୍ବାର ପାଣୁ ସାହୁପାଟଣା ଅଞ୍ଚଳକୁ ଶ୍ରୀ ବିଗ୍ରହମାନେ ବିଜେ କରିଥିଲେ। ରାତ୍ରୀ ସମୟରେ ଅବଶିଷ୍ଟ ସାହି ହରିସୁବୁଦ୍ଧି ପାଟଣା, ବିଦୁର ବେହେରା ପାଟଣା ଓ କୃଷ୍ଣଚନ୍ଦ୍ରପୁର ପାଟଣା ଭୋଗ ଶେଷ କରି ପାହାନ୍ତା ସମୟରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ରବିବାର ପାଟଣା ଅଞ୍ଚଳର ଗ୍ରାମବାସୀ ଗ୍ରାମ ମୁଣ୍ଡରୁ ନୂତନ ବସ୍ତ୍ର ପାହୁଡ ବିଛାଇ ଠାକୁରଙ୍କୁ ନିମନ୍ତ୍ରଣ କରି ପାଟପଟୁଆର ସହ ସଂକୀର୍ତ୍ତନ କରି ଗ୍ରାମ ମଧ୍ୟକୁ ପାଛୋଟି ଆଣିଥିଲେ। ଗ୍ରାମର ସମସ୍ତଙ୍କ ଦ୍ୱାରରେ ଦୀପ ପ୍ରଜ୍ୱଳନ କରାଯାଇ ଶୁଦ୍ଧ ପୁତ ଭାବରେ ଚାଚେରୀ ଭୋଗ କାର୍ଯ୍ୟ ସମ୍ପାଦନ କରିଥିଲେ। ଦୀର୍ଘ ବର୍ଷରୁ ଚାଲି ଆସିଥିବା ଏହି ପରମ୍ପରା ସ୍ଥାନୀୟ ଅଞ୍ଚଳ୍ ଏକ ଅନନ୍ୟ ପରମ୍ପରା।

# କୈବର୍ତ୍ତ ସମାଜର ୩୯ ତମ ସାଧାରଣ ଅଧିବେଶନ


କୈବର୍ତ୍ତ ସମାଜ ଅଧିବେଶନରେ ଯୋଗ ଦେଇଥିବା ଅତିଥି।

ଖଣ୍ଡପଡା,୪।୫ (ଅଜୟ କୁମାର ମହାରଣା)

କୈବର୍ତ୍ତ ସମାଜ ଖଣ୍ଡପଡା ରାଜ୍ୟର ୩୯ ତମ ସାଧାରଣ ଅଧିବେଶନ ରବିବାର ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚଦୋଳ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରେ ଇଷ୍ଟ ଦେବୀଙ୍କୁ ଶିଖରପୁର ଗ୍ରାମ ପରିକ୍ରମା କରାଯାଇଥିଲା। ଶିଖରପୁର, ବରପଲ୍ଲୀ, ଉଲୁଳାଙ୍ଗ ଓ ଶାଳଝରିଆ ଥାନ ଭାଇମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ଦାସ ଅଧ୍ୟକ୍ଷତା କରିଥିଲେ। ଖଣ୍ଡପଡା, ଭାପୁର ଓ ନୟାଗଡ଼ ବ୍ଲକର ୬୫ ଥାନର ଥାନପତିମାନଙ୍କ ଉପସ୍ଥିତିରେ ସଭାପତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାବେଶକୁ ଉଦ୍‌ଘାଟନ କରାଯାଇଥିଲା। ବଅନୁଷ୍ଠାନ ସଭାପତି ଦାସଙ୍କ ସମେତ ସମ୍ପାଦକ ନବ କିଶୋର ବେହେରା, ସହ ସମ୍ପାଦକ ଶରତ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ବେହେରା, ଶିକ୍ଷା କମିଟି ଅଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଉପଦେଷ୍ଟା ଜଗମୋହନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିଖିଳ ଓଡିଆ କୈବର୍ତ୍ତ ମହାସଭା କାର୍ଯ୍ୟକର୍ତ୍ତା ତଥା ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ବ୍ରଜ କିଶୋର ପରିଡା, ମୁଖ୍ୟ ବକ୍ତା ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ସମ୍ମାନୀତ ଅତିଥି ଓଡ଼ିଶା ଉଠା ଜଳସେଚନ ନିଗମ ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଭାସ୍କର ବେହେରା, ଅବସରପ୍ରାପ୍ତ ଇଞ୍ଜିନିୟର ଉଦ୍ୟନାଥ ବେହେରା, ପ୍ରାଣବନ୍ଧୁ ବେହେରା ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଖଳିସାହି ସରପଞ୍ଚ ଫକୀର ମୋହନ ଦାସ ଓ ଶିଖରପୁରର ପୂର୍ବତନ ସରପଞ୍ଚ ନବ କିଶୋର ସାହୁ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ହାସଲ କରିବାକୁ ହେଲେ ସମସ୍ତ ଜାତି ଭାଇ ମାନେ ସଂଗଠିତ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ନବ କିଶୋର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୫ ମାଟ୍ରିକ ପରୀକ୍ଷାରେ ୧ମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ମେଧାବୀ ଛାତ୍ରୀ, ଛାତ୍ର,୫ଜଣ ଆଦର୍ଶ ଥାନପତି ଏବଂ ୮ଜଣ ଜୋନ୍ ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାଜପାର ବିଜୟ ଉତ୍ସବ

ନୟାଗଡ,୪।୫(ଲୋକନାଥ ମିଶ୍ର)

ପଶ୍ଚିମବଙ୍ଗ, ଆସାମ ଓ ପଣ୍ଡିଚେରିରେ ଭାଜପାର ବିଜୟ ପରେ ନୟାଗଡ଼ ବସଷ୍ଟାଣ୍ଡର ଗୋଲେଇ ଟ୍ରାଫିକ୍ ଛକରେ ଭାଜପା ପକ୍ଷରୁ ବିଜୟ ଉଲ୍ଲାସ ପର୍ବ ପାଳନ କରାଯାଇଛି। କର୍ମୀ ଓ ନେତାମାନେ ମିଳିତ ହୋଇ ବାଣ ଫୁଟାଇ, ବାଜା ବାଡେଇ, ଝାଲ ମୁଢ଼ି ଓ ମିଠା ଖାଇ ଖୁଆଇ ଖୁସି ମନାଇଛନ୍ତି। ଜିଲା ଭାଜପା ପକ୍ଷରୁ ସାଧାରଣ ସମ୍ପାଦକ ରଞ୍ଜନ ପଣ୍ଡାଙ୍କ ସଂଯୋଜନା ଓ ବରିଷ୍ଠ ଯୁବ ନେତା ସନ୍ତୋଷ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ପଟ୍ଟନାୟକ, ଜିଲା ଉପସଭାପତି ପ୍ରହଲ୍ଲାଦ ବରାଡ, ଜିଲା ଯୁବମୋର୍ଚ୍ଚା ସଭାପତି ସତ୍ୟେନ୍ଦୁ ମିଶ୍ର, ବରିଷ୍ଠ ସଙ୍ଗଠକ ସ୍ନେହ ରଞ୍ଜନ ଦାସଜୟସିଂହ, ନୟାଗଡ଼ ନଗର ସଭାପତି ବିଭୁ ପ୍ରସାଦ ପଟ୍ଟନାୟକ, ଯୁବନେତା ଦେବାଶିଷ ମହାପାତ୍ର, କୃଷକ ନେତା ସୁବାସ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



କର୍ମୀମାନେ ବିଜୟ ଉତ୍ସବ ମନାଉଛନ୍ତି ।

# ମା' ଶୁଳିଆ ଠାକୁରାଣୀଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡା,୪।୫ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମ ନିକଟ ତଥା ବାଣପୁର– ଖଣ୍ଡପଡା ପୂର୍ତ୍ତ ବିଭାଗ ରାସ୍ତା ନିକଟ ଶୁଳିଆ ଛକ ସ୍ଥିତ ମା' ଶୁଳିଆ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ତୃତୀୟ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ୩ ଦିନ ବ୍ୟାପୀ ୪୨ ମୌଜାର ଜନସାଧାରଣଙ୍କ ସମେତ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାଯାଇଛି । ଏହି ଅବସରରେ ସୂର୍ଯ୍ୟ ପୂଜା, ନାମ ସଂକୀର୍ତ୍ତନ ପୁରୋଧା ଶ୍ରୀକାନ୍ତ ମିଶ୍ରଙ୍କ ପୌରହିତ୍ୟରେ ଗୋପୀନଥପୁର ଚୈତନ୍ୟପୁର, ବାଣପୁର ଓ ଘଣାଶାଳିଆ ଅଞ୍ଚଳର ମହିଳା ଓ ପୁରୁଷ ଗୋଷ୍ଠୀ ସଂକୀର୍ତ୍ତନ ମଣ୍ଡଳୀର ଚତୁର୍ଥ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ କମିଟି ସଦସ୍ୟ ରାଜ କିଶୋର ସାମଲ, ସୁଦର୍ଶନ ରାଉତ, ସନାତନ ବେହେରା ଓ ଅରୁଣ ବରାଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ।


ଶୁଳିଆ ଠାକୁରାଣୀ ଯାତ୍ରା।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ଖଣ୍ଡପଡ଼ା, ୪।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଗୁଣ୍ଡୁଣି ପଞ୍ଚାୟତ ନୀଳକଣ୍ଠେଶର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ରାଉତ ଏପ୍ରିଲ ୩୦ରେ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପରିସରରେ ରବିବାର ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ବୋଲଗଡ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି,ଓଷ୍ଟାର ରାଜ୍ୟ ସମ୍ପାଦକ ରଞ୍ଜନ ଦାସ, ବିନାୟକ ପରିଡା,ଶିକ୍ଷାବିତ କିଶୋର ଚନ୍ଦ୍ର ପରମଗୁରୁ,ସଦାଶିବ ପାତ୍ର,ଓଷ୍ଟା ଖଣ୍ଡପଡ଼ା ବ୍ଲକ ସଭାପତି ଅଯୋଧ୍ୟାନାଥ ନାୟକ,ସମ୍ପାଦକ ପ୍ରଭାକର ମିଶ୍ର,ପୂର୍ବତନ ସରପଞ୍ଚ ଶୁକଦେବ ଜେନା, ସାମାଜକର୍ମୀ କୃପାସିନ୍ଧୁ ପ୍ରଧାନ ଗୁଣ୍ଡୁଣି ସରପଞ୍ଚ ପ୍ରତିମା ପରିଡ଼ା,ସମିତି ସଭ୍ୟା ସୁଲୋଚନା ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ ଶିବ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କର୍ତ୍ତବ୍ୟନିଷ୍ଠା,ସମୟାନୁବର୍ତ୍ତିତା ଓ ଛାତ୍ର ବତ୍ସଳତା ଉପରେ ଅତିଥି ଓ ଶିକ୍ଷାବିତ ମାନେ ଆଲୋକପାତ କରିଥିଲେ। ଏ ଅବସରରେ ଅବସରଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀ ଛାତ୍ରମାନେ ସହଯୋଗ କରିଥିଲେ।

# ବିଜୟ ଉତ୍ସବ ପାଳିତ

ଦଶପଲ୍ଲା, ୪।୫( ପ୍ରକାଶ କୁମାର ପାଣି )

ପଶ୍ଚିମ ବଙ୍ଗ ଓ ଆସାମ ଆଦି ସ୍ଥାନରେ ଭାଜପାର ବିଜୟ ନେଇ ସୋମବାର ସନ୍ଧ୍ୟାରେ ଦଶପଲ୍ଲାରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଉତ୍ସବରେ ବରିଷ୍ଠ ନେତା ରାଘବ ମଲ୍ଲିକ, ଏମ୍‌ପି ପ୍ରତିନିଧି କିଶୋର ଦଳବେହେରା,ଅଞ୍ଜନ ଦାଶ, ମଣ୍ଡଳ ସଭାପତି ମନୋଜ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇ ବିଜୟକୁ ସ୍ୱାଗତ କରିଥିଲେ। ବୈଠକରେ ମିଠା ବଣ୍ଟନ କରାଯାଇଥିଲା,ପରେ ରାସ୍ତା ପାର୍ଶ୍ୱରେ ବିଜୟ ନେଇ ବିଭିନ୍ନ ସ୍ଲୋଗାନ ମାନ ଦିଆଯାଇଥିଲା।


ବିଜୟ ଉତ୍ସବରେ ଭାଜପା କର୍ମୀମାନେ ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୬ ଆହତ

ରାମଗିରି,୪।୫(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ସ୍ଥିତ କୃଷି ଉଦ୍ୟାନ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଦୁଇ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ୬ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜୁନେଶ ଶବର। ଗୁରୁତରଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ କନ୍ୟା ରହିଥିବା ଜଣାପଡିଛି। ଏକ ବିବାହ ଭୋଜି ଖାଇ ଫେରୁଥିବା ବେଳେ ଏପରି ଘଟଣା ଘଟିଛି। ଘଟଣା ସ୍ଥଳରେ ରାମଗିରି ପୋଲିସ୍ ପହଞ୍ଚି ଆହତଙ୍କୁ ମେଡ଼ିକାଲରେ ପହଞ୍ଚାଇବା ସହ ଦୁଇଟି ବାଇକ୍ ଜବତ କରିଛି। ଏଏସ୍‌ଆଇ ସନ୍ତୋଷ ବେହେରା ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଖବରରୁ ପ୍ରକାଶ, ଦଶିରାମପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାହାଘର ଭୋଜି ସୋମବାର ଦିନବେଳା ଆୟୋଜନ ହୋଇଥିଲା। ପାତ୍ରବସା ଗ୍ରାମରେ ଗୋଟିଏ ପରିବାରର ଶିଶୁକନ୍ୟା ସହିତ ୩ ଜଣ ଏଚ୍‌ଏଫ୍ ଡିଲେକ୍ସ (ନଂ. ଓଡି ୨୦ ବି–୫୩୩୩) ବାଇକ୍ ଯୋଗେ ଦଶିରାମପୁର ଗ୍ରାମକୁ ଭୋଜି ଖାଇବାକୁ ଯାଇ ଫେରୁଥିବା ବେଳେ ବିପରୀତ ଦିଗରୁ ଖାରିପଦା ଗ୍ରାମର ୩ ଜଣ ଯୁବକ ଏଚ୍‌ଏଫ୍ ଡିଲେକ୍ସ (ନଂ. ଓଡି ୦୭ ଏଚ୍– ୦୫୯୫) ବାଇକ୍‌ରେ ଦାଶିରାମପୁରକୁ ଭୋଜି ଖାଇବାକୁ ଯାଉଥିଲେ। ରାମଗିରି କୃଷି ଉଦ୍ୟାନ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରେ ଆର. ଉଦୟଗିରି ବ୍ଲକ ଅବାରସିଂ ପଞ୍ଚାୟତର ପାତ୍ରବସା ଗ୍ରାମର ଜୁନେସଙ୍କ ମୃତ୍ୟୁ ହୋଇଥିଲା। ପାତ୍ରବସା ଗ୍ରାମର ସୂର୍ଯ୍ୟବତୀ ଶବର (୧୮), ରୁକ୍ମଣୀ ଶବର (୫), ସରସ୍ୱତୀ ଶବର (୧୬) ଓ ଅବାରସିଂ ପଞ୍ଚାୟତ ଖାରିପଦା ଗ୍ରାମର ଶତ୍ରୁଘନ ରଇତ, ଗଣନାଥ ରଇତ, ଶିବରାମ ରଇତ ଗୁରୁତର ହୋଇଥିଲେ। ଗଣନାଥ ଓ ଶିବରାମଙ୍କୁ ଡାକ୍ତର ସୁବ୍ରତ ସାହୁ ଓ ଶ୍ରୀଧର ସାହୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦେଇଛନ୍ତି। ଅନ୍ୟ ସମସ୍ତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଶତ୍ରୁଘନଙ୍କ ୫ ବର୍ଷର ଶିଶୁକନ୍ୟା ରୁକ୍ମିଣୀ, ସୂର୍ଯ୍ୟବତୀ ଓ ସରସ୍ୱତୀ ବ୍ରହ୍ମପୁର ଯାଇଛନ୍ତି। ଏ ନେଇ ରାମଗିରି ଥାନାରେ ୩୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଡି. ଗଜପତି ଦୋରା କହିଛନ୍ତି।



ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

OIPR-11001/11144/1/26-27/0002

Sd./- REGISTRAR
ODIA UNIVERSITY

# ଜଳସେଚନରେ ବିଫଳ ପରେ ବି ସମ୍ପ୍ରସାରଣ

**ଯାଜପୁର,୪।୫(ହର୍ଷବର୍ଦ୍ଧନ ବେହେରା):**

ନଦୀ ଅବବାହିକାରୁ ଉଚ୍ଚ ଚାଷଜମିକୁ ଜଳସେଚନ କରିବାକୁ ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ଖରିଫ ସହିତ ରବି ଚାଷରେ ଜଳସେଚନ ହେବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଯାଜପୁର ଜିଲାରେ ସମ୍ପୂର୍ଣ୍ଣ ହୋଇଥିବା ୯ଟି ପ୍ରକଳ୍ପ ଜରିଆରେ ଆବଶ୍ୟକ ଜଳସେଚନ ବ୍ୟବସ୍ଥା ହେଉ ନ ଥିବା ଚାଷୀ ମହଲରୁ ସୂଚନା ମିଳିଛି। ଫଳରେ ଚାଷୀଙ୍କ ଜମିରେ ଜଳସେଚନ ଆଶା ଫସର ଫାଟିଛି। ନଭେମ୍ବର କିମ୍ବା ଡିସେମ୍ବର ପରେ ଜୁନ୍ ପର୍ଯ୍ୟନ୍ତ ଜିଲାର ବ୍ରାହ୍ମଣୀ, ଖରସ୍ରୋତା, ବିରୂପା, ତଣ୍ଟିଘାଇ ଆଦି ନଦୀନାଳରେ ଆବଶ୍ୟକ ପରିମାଣର ପାଣି ଉପଲବ୍ଧ ହେଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏଭଳି ସ୍ଥିତିରେ ଧାର୍ଯ୍ୟ ପରିମାଣର ଜଳସେଚନ ହୋଇ ପାରି ନ ଥିବାବେଳେ ପୁଣି ୭ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏଥିପାଇଁ ଜମି ଅଧିଗ୍ରହଣ ବ୍ୟବସ୍ଥା ହେଉଛି। ଏହାବାଦ ଚଳିତ ବର୍ଷ ପୁଣି ୪ଟି ପ୍ରକଳ୍ପ ନିର୍ମାଣ ପାଇଁ ହାତକୁ ନିଆଯାଇଛି। ଏହିକ୍ରମରେ ଉଭୟ ଖରିଫ ଓ ରବି ଚାଷ ପାଇଁ ଏହି ଯୋଜନା ବିଫଳ ହେଉଥିବାବେଳେ ଆହୁରି ପ୍ରକଳ୍ପଗୁଡ଼ିକ ସମ୍ପ୍ରସାରଣ କରିବାରେ କାହାର ସ୍ୱାର୍ଥ ପୂରଣ ହେଉଛି ବୋଲି ଚାଷୀ ମହଲରେ ପ୍ରଶ୍ନ ଉଠିଛି।

ଚାଷୀଙ୍କ ବିକାଶରେ ଦେଶର ଅର୍ଥନୀତି ନିର୍ଭରଶୀଳ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ରାଜ୍ୟ ସରକାର କୃଷି କ୍ଷେତ୍ର ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ବିପୁଳ ଅନୁଦାନ ଯୋଗାଇ ଦିଆଯାଉଛି। କିନ୍ତୁ ପ୍ରଶାସନିକ କଳରେ ଅବହେଳା ଯୋଗୁ ଯୋଜନାର ସଫଳତା ବହୁ ଦୂରରେ ରହିଯାଉଛି ବୋଲି ମତପ୍ରକାଶ ପାଇଛି। ଯାଜପୁର ଜିଲାରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଥିରେ ଜିଲାର ବଡ଼ଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳର ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଥିଲା। ତଦନୁସାରେ କେଲୁଅ, ବିରୂପା, ତଣ୍ଟିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ପ୍ରାୟ ୫୦୦ କୋଟି ଟଙ୍କା ଖର୍ଚ୍ଚରେ ପ୍ରକଳ୍ପଗୁଡ଼ିକ ନିର୍ମାଣ ହୋଇଛି। ବଡ଼ଚଣା ନିର୍ବାଚନମଣ୍ଡଳୀର ୨,୦୦୦ ହେକ୍ଟର, ବରୀ ନିର୍ବାଚନମଣ୍ଡଳୀର ୩,୭୦୦ ହେକ୍ଟର, ଧର୍ମଶାଳା ଓ କୋରେଇ ନିର୍ବାଚନମଣ୍ଡଳୀର ୫,୪୦୦ ହେକ୍ଟର ଏବଂ ଯାଜପୁର ନିର୍ବାଚନମଣ୍ଡଳୀର ୧,୭୦୦ ହେକ୍ଟର ଜମିରେ ଜଳସେଚନ ପ୍ରସ୍ତାବ ରହିଥିଲା। ଏହିସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି। ତେବେ ବ୍ରହ୍ମବରଦା ଗ୍ରାମର ଚାଷୀ ଅରୁଣ ବେହେରା ଓ ମନୋରମା ମଣ୍ଡଳ କୁହନ୍ତି, ଅର୍ଥକରୀ ବାଦାମ ଚାଷ କରିଥାଉ। ଏଥିପାଇଁ ପ୍ରଚୁର ପାଣିର ଆବଶ୍ୟକତା ରହିଛି। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବା ପରେ ପାଣିର ସମସ୍ୟା ଦୂର ହେବ ବୋଲି ଆଶା କରିଥିଲୁ। କିନ୍ତୁ ଗତ ଖରିଫ ସମୟରେ ଜମିକୁ ଆଦୌ ପାଣି ମାଡି ନ ଥିଲା। ଫଳରେ ବାଦାମ ଚାଷରେ ଉତ୍ପାଦନ ହ୍ରାସ ପାଇ କ୍ଷତି ସହିଲୁ ବୋଲି କହିଛନ୍ତି। ଏହାପରେ ୨୦୨୧-୨୨ରୁ ବୃହତ୍ ଉଠା ଜଳସେଚନ ବିଭାଗ ପକ୍ଷରୁ ପୁଣି ୭ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏଥିରେ ଜିଲାର ବିଞ୍ଝାରପୁର ବ୍ଲକର ବୋଦୁଅ, ମାଲିପୁର, ଧରମପୁର, କାନ୍ତିପୁର, ବାଙ୍ଗରା ଓ ସଇଦପୁର, ଯାଜପୁର ବ୍ଲକର ପଣସା ପ୍ରକଳ୍ପ ଜରିଆରେ ମୋଟ ୧୨,୯୧୪ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ପରିକଳ୍ପନା କରାଇଛି। ଖରସୁଆଁ, କାଣୀ ଓ ବ୍ରାହ୍ମଣୀ ନଦୀରୁ ପାଣି ଉତ୍ତୋଳନ କରାଯିବ ବୋଲି ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ଏହାସହ ଏହିସବୁ ପ୍ରକଳ୍ପ ମଧ୍ୟରୁ ପଣସା ପ୍ରକଳ୍ପ ଅଧୀନ କୋରକରା ଗ୍ରାମର ୦.୧୮୫ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଅନ୍ୟପକ୍ଷେ ଚଳିତବର୍ଷ ରସୁଲପୁର ବ୍ଲକରେ ୧, ଦାନଗଦି ବ୍ଲକରେ ୧ ଓ ଯାଜପୁର ବ୍ଲକରେ ୨ଟି ପ୍ରକଳ୍ପ ନିର୍ମାଣ କରିବାକୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ପରିବେଶଗତ ଅନୁମତି ଆଦି କାର୍ଯ୍ୟର ଆବଶ୍ୟକତା ହେଉ ନ ଥିବାରୁ ସହଜରେ ପ୍ରକଳ୍ପଗୁଡ଼ିକ ନିର୍ମାଣ ହୋଇପାରିବ ବୋଲି ବିଭାଗସ୍ତରରେ ନିଷ୍ପତ୍ତି ହୋଇଛି। କିନ୍ତୁ ଚାଷୀ ଉପକୃତ ହେବା ବଦଳରେ ବାହାର ରାଜ୍ୟର ଠିକାସଂସ୍ଥାଗୁଡ଼ିକୁ ଏହାର ନିର୍ମାଣ ଦାୟିତ୍ୱ ଦେଇ ସେମାନଙ୍କୁ ଲାଭବାନ କରାଯାଉଛି ବୋଲି ଚାଷୀ ମତ ରଖିଛନ୍ତି। ଚାଷ କ୍ଷତିଗ୍ରସ୍ତ ହେଲେ ମୁଣ୍ଡରେ ହାତ ଦେଇ କାନ୍ଦେ ଚାଷୀ। ସେ ଋଣ କରି ଶୁଝି ନ ପାରି ଆତ୍ମହତ୍ୟା କରୁଥିବା ନଜିର ରହିଛି। ଚାଷ ପାଇଁ ଆବଶ୍ୟକ ପାଣି। ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବ୍ୟାପକ ବ୍ୟବସ୍ଥା ହୋଇଛି। ମାତ୍ର ବୃହତ୍ ଉଠା ଜଳସେଚନ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ କାର୍ଯ୍ୟଶୈଳୀରେ ଆନ୍ତରିକତା ଅଭାବରୁ ଏହି ବ୍ୟବସ୍ଥାର ସୁଫଳ ଚାଷୀ ପାଇ ପାରୁନି ବୋଲି ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ବୃହତ୍ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ନିର୍ମାଣ ହୋଇଥିବା ୯ଟି ପ୍ରକଳ୍ପ ଜରିଆରେ କେବଳ ଖରିଫ ଋତୁରେ ଜଳସେଚନ ବ୍ୟବସ୍ଥା ହୋଇଥିଲା। ଏବେ ନିର୍ମାଣାଧୀନ ୭ଟି ପ୍ରକଳ୍ପ ଏବଂ ହାତକୁ ନିଆଯାଇଥିବା ୪ଟି ପ୍ରକଳ୍ପରେ ଉଭୟ ଖରିଫ ଓ ରବି ଋତୁରେ ଜଳସେଚନ ହୋଇପାରିବ।

**ଯାଜପୁର ଜିଲାରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ**

■ ୯ଟି ସମ୍ପୂର୍ଣ୍ଣ, ୭ଟି ନିର୍ମାଣାଧୀନ, ୪ଟି ପ୍ରକଳ୍ପ ପାଇଁ ପ୍ରସ୍ତାବ



# ବିଜେଡିର କର୍ମୀ ସମାବେଶ, ମିଶ୍ରଣ ପର୍ବ




କର୍ମୀ ସମାବେଶରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

**ଚଣ୍ଡିଖୋଲ/ବଡ଼ଚଣା,୪।୫(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲ୍ଲୀପ କୁମାର ମହାନ୍ତି)**

ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୂଷଣ୍ଡପୁର ପଞ୍ଚାୟତ ପଞ୍ଚଦେବ ପୀଠ ମହାବିନାୟକଙ୍କ ପାଦଦେଶରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୂଷଣ୍ଡପୁର ପଞ୍ଚାୟତ ସଭାପତି ପ୍ରଭାକର ସାମଲଙ୍କ ଅଧ୍ୟକ୍ଷତା ଓ ସମିତିସଭ୍ୟ ଜଗନ୍ନାଥ ମୁଦୁଲିଙ୍କ ପରିଚାଳନାରେ ଅନୁଷ୍ଠିତ ସମାବେଶରେ ବରିଷ୍ଠ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ରାଜ୍ୟର ଭାଜପା ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଜନସାଧାରଣଙ୍କ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଯେଉଁ ଅବହେଳା ପ୍ରଦର୍ଶନ କରୁଛନ୍ତି ତାହା ବରଦସ୍ତ କରାଯିବ ନାହିଁ। ଖଣିଜ ସମ୍ପଦ ଲୁଟ୍ ବିରୋଧରେ ଅଭିଯାନ ଜାରି ରହିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର, ବ୍ଲକ ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, କୈଳାସ ଚନ୍ଦ୍ର ରାଉତ, ଜ୍ଞାନ ରଞ୍ଜନ ସାହୁ, ବିବେକ ରଞ୍ଜନ ସୁବୁଦ୍ଧି, ଦିଲ୍ଲିପ କୁମାର ସାମଲ, ଧନେଶ୍ୱର ବେହେରା, ସଞ୍ଜୟ ସ୍ୱାଇଁ, ସତ୍ୟ ପ୍ରକାଶ ଦାଶ, ପ୍ରଦୀପ୍ତ କୁମାର ମହାନ୍ତି, ରତ୍ନାକର ପ୍ରଧାନ, ସୁଲତାନ ସୈଫୁଲ୍ଲା ଖାଁ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ଭୂଷଣ୍ଡପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ପ୍ରଦୀପ କୁମାର ମୁଦୁଲି, ବିଷ୍ଣୁ ଚରଣ ମୁଦୁଲି, ଅଭିମନ୍ୟୁ ରାଉଳ, ୱାର୍ଡ ସଭ୍ୟ କ୍ଷେତ୍ରବାସୀ ସାମଲ, ପ୍ରଶାନ୍ତ ସାମଲ, କୃଷ୍ଣଚନ୍ଦ୍ର ସାମଲ ଓ କୃଷ୍ଣ ସିଂଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇଥିବା ଅନେକ କର୍ମକର୍ତ୍ତା ଏହି ଅବସରରେ ବିଜେଡ଼ିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବରିଷ୍ଠ ନେତା ଗୋଲଖ ଦାସ, ନାରାୟଣ ମାହାଲା, ପୂର୍ବତନ ସମିତି ସଭ୍ୟ ପାର୍ବତୀ ସେଠୀ, ନାଏବ ସରପଞ୍ଚ ରଶ୍ମିତା ବରାଳଙ୍କୁ ଭୂଷଣ୍ଡପୁର ପଞ୍ଚାୟତ ବିଜେଡ଼ି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ବୈଠକରେ ଯୁବ ସଙ୍ଗଠକ ମନୋଜ ମାହାଲା, ଜୟନ୍ତ କୁମାର ସ୍ୱାଇଁ, କେଶବ ସାହୁ, ରମେଶ ରାଉତ,ଶତ୍ରୁଘ୍ନ ସାହୁ, ରତିକାନ୍ତ ସାମଲ, ଦିଲ୍ଲୀପ ସାହୁ, ଆଶିଷ ନାୟକ, ସନ୍ତୋଷ ମାହାଲା, ଅମ୍ବୁଜ ମୁଦୁଲି, ଭରତ ଭୂଷଣ ସାମଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଜୟନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମିବାଡ଼ି ବିବାଦରୁ ମାରପିଟ: ଜଣେ ମୃତ, ୭ ଆହତ

**ଯାଜପୁର ସଦର/ଯାଜପୁର ଟାଉନ, ୪।୫(ସମର ବିଜୟ ଶରଣ/ପ୍ରଯନ୍ତ୍ରା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ସଦର ଥାନା ଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସୋମବାର ଉଭୟ ପରିବାର ମଧ୍ୟରେ ମାରପିଟ ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଗୋବିନ୍ଦ ଘଡ଼ାଇ(୫୯)।

ବଡ଼ତ୍ରିଲୋଚନପୁର ଗ୍ରାମର ଗୋବିନ୍ଦ ଘଡ଼ାଇଙ୍କ ଜାଗାରେ ତାଙ୍କ ଭାଇ ନରେନ୍ଦ୍ର ଘଡ଼ାଇ ଘର କରିବା ପାଇଁ ସୂତା ଟାଣିବାକୁ ଯାଉଥିଲେ। ଗୋବିନ୍ଦ ଏ ନେଇ ନରେନ୍ଦ୍ରଙ୍କୁ ବିରୋଧ କରିଥିଲେ। ଏ ନେଇ ନରେନ୍ଦ୍ର ଘଡ଼ାଇଙ୍କ ପରିବାରର ଗୌରାଙ୍ଗ ଘଡ଼ାଇ, ଦିବ୍ୟଜ୍ୟୋତି ବେହେରା, ଗୌତମ ଦାସ ମିଶି ଗୋବିନ୍ଦଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଗୋବିନ୍ଦ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଆକ୍ରମଣରେ ଗୋବିନ୍ଦଙ୍କ ସ୍ତ୍ରୀ କନକ, ପୁଅ ସଞ୍ଜୟ ଓ ସରୋଜ ଆହତ ହୋଇଛନ୍ତି। ଅପରଗୋଷ୍ଠୀର ଦିବ୍ୟଜ୍ୟୋତି ବେହେରା ମଧ୍ୟ ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ଗୋବିନ୍ଦ ଘଡ଼ାଇଙ୍କ ପୁଅ ସରୋଜ ଘଡ଼ାଇ ଏ ନେଇ ଯାଜପୁର ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଲିଖିତ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏସ୍ଆଇ ସୁବାସ ଚନ୍ଦ୍ର ମୁଦୁଲି ଘଟଣାର ତଦନ୍ତ କରୁଛନ୍ତି। ଏହି ଘଟଣାରେ ନରେନ୍ଦ୍ର ଘଡ଼ାଇଙ୍କ ପାଳିତ ପୁତ୍ର ଗୌରାଙ୍ଗ ଘଡ଼ାଇ ଘଟଣା ପରେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ଜମିବାଡ଼ିକୁ କେନ୍ଦ୍ରକରି ୨ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ

**ଖେଳଣା ବନ୍ଧୁକ ଦେଖାଇ ଭୟଭୀତ କରିବା ଅଭିଯୋଗ**

**ଯାଜପୁର ଟାଉନ, ୪।୫ (ପ୍ରଯନ୍ତ୍ରା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ଟାଉନ ଥାନା ଅକରପଡ଼ା ପଞ୍ଚାୟତ ଜଳସରପୁର ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ର କରି ଦୁଇ ଭାଇଙ୍କ ଭିତରେ ବିବାଦ ଲାଗି ରହିଥିଲା। ଏହି ବିବାଦକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହି ଗଣ୍ଡଗୋଳରେ ଜଣେ ଭାଇ ବନ୍ଧୁକ ଦେଖାଇ ଅନ୍ୟ ଭାଇଙ୍କୁ ଭୟଭୀତ କରୁଥିବା ଯାଜପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଶରତ ଚନ୍ଦ୍ର ପଣ୍ଡା ଓ ଭରତ କିଶୋର ପଣ୍ଡା ପୃଥକ ଭାବେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ବନ୍ଧୁକକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ପରେ ଏହି ବନ୍ଧୁକଟି ଏକ ଖେଳନା ବନ୍ଧୁକ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବଳରାମ



@ ବିଷ୍ଣୁ



@ କ୍ରିଷ୍ଣା



@ ସନ୍ତୋଷ



@ ଗୁରୁପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କୋରେଇ ଭାଜପା ପାଳିଲା ବିଜୟ ଉତ୍ସବ




ବାହାରିଥିବା ବିଜୟ ଶୋଭାଯାତ୍ରାରେ ଭାଜପା ନେତା ଓ କର୍ମୀ।

**ବ୍ୟାସନଗର, ୪।୫(ପବିତ୍ର ରଞ୍ଜନ ମହାନ୍ତି)**

ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନରେ ଭାଜପା ଅଭୁତ ପୂର୍ବ ସଫଳତା ହାସଲ କରିଛି। ଏହାକୁ ନେଇ ରାଜ୍ୟ ଭାଜପାରେ ଖୁସିର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ସହରରେ କୋରେଇ ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ ଦଳୀୟ କର୍ମୀମାନେ ଏକ ବିଶାଳ ରାଲିରେ ସହର ପରିକ୍ରମା କରିଥିଲେ। ରାଲିରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ଫଟୋ ସମ୍ବଳିତ ବ୍ୟାନର ଧରି ବିଜୟ ଉତ୍ସବ ପାଳନ କରିଥିଲେ। ଏହି ରାଲିରେ କୋରେଇ ଭାଜପା ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ଜିଲା ଉପସଭାପତି ଅଯୋଧ୍ୟା ଜେନା, ଯୁବ ସଭାପତି ଜିତେନ୍ଦ୍ର ରାଉତ, ଏମ୍ ପ୍ରତିନିଧି ନିରଞ୍ଜନ ଘଡେଇ, ଯୁବନେତା ପ୍ରିୟବ୍ରତ ସାହୁ, ମନୋଜ ବେହେରା, ନାରୀନେତ୍ରୀ ରଶ୍ମିତା ରାଉତ, ଜୟନ୍ତୀ ଦଳେଇ, ଧନେଶ୍ୱର ବାରିକଙ୍କ ସହ ବୋହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଫ୍ୟାନ୍‌ରେ ଝୁଲି ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ଧର୍ମଶାଳା, ୪।୫(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ବଙ୍ଗାଳି ସାହିରେ ଜଣେ ମହିଳା ସୋମବାର ସକାଳେ ଘର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି । ମୃତା ହେଲେ ଗୀତାରାଣୀ ଚାନ୍ଦ। ଏନେଇ ମୃତା ଗୀତାରାଣୀଙ୍କ ଭାଇ ସନ୍ତୋଷ ଦାସଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୧୮୪/୨୬) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି। ଗଙ୍ଗାଧରପୁର (ବଙ୍ଗାଳିସାହିର)ର ସରୋଜ ଚାନ୍ଦ ସେହି ଗ୍ରାମର ବୃନ୍ଦାବନ ଦାସଙ୍କ ଝିଅ ଗୀତାରାଣୀଙ୍କୁ ୬ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ । ସେମାନଙ୍କର ୫ବର୍ଷ ଓ ୨ ବର୍ଷର ଝିଅ ଅଛନ୍ତି। ଗୀତାରାଣୀଙ୍କୁ ତାଙ୍କ ଶାଶୁ ପାରିବାରିକ କାମ ପାଇଁ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ଭାଇ ସନ୍ତୋଷ ଦାସ ଅଭିଯୋଗ କରିଛନ୍ତି । ଗୀତାରାଣୀ ରଶି ଲଗାଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ରାସ୍ତାରୁ ପାଇଥିବା ସୁନା ଅଳଙ୍କାର ଫେରାଇଲେ ଡାକ୍ତର

**ରସୁଲପୁର, ୪।୫(ରଞ୍ଜିତ ରାଉତ)**

ଯାଜପୁର ଜିଲା କୁଆଖିଆ ଥାନା ରାହାମ୍ବା ପଞ୍ଚାୟତର ବାବା ଚନ୍ଦନେଶ୍ୱର ପୀଠ ରାସ୍ତା ଦେଇ ସୋମବାର ମଧ୍ୟାହ୍ନରେ ଯାଉଥିବାବେଳେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତ ଏକ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍ ପାଇଥିଲେ। ଯାଞ୍ଚ ପରେ ସେଥିରେ ସୁନା, ରୁପା ଅଳଙ୍କାର ଓ ରସିଦ୍ ଥିବା ସେ ଦେଖିଥିଲେ। ଘଟଣା ସମ୍ପର୍କରେ ଡାକ୍ତର ପଶାୟତ କୁଆଖିଆ ଥାନା ପୋଲିସକୁ ଜଣାଇଥିଲେ। କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ବ୍ୟାଗ୍ ଯାଞ୍ଚ କରିଥିଲେ । ଉକ୍ତ ବ୍ୟାଗ୍‌ରେ ସୁନା, ରୁପା ଅଳଙ୍କାର ସହ ଥିବା ବିଲ୍ ଆଧାରରେ ଏହା କୁଆଖିଆ ଥାନା ଅନ୍ତର୍ଗତ ଟିକରପଡା ଅଞ୍ଚଳର ବେବିନା ରଣାଙ୍କ ବୋଲି ଜଣାପଡ଼ିଥିଲା। ଅବିଳମ୍ବେ ଥାନା ପକ୍ଷରୁ ବେବିନାଙ୍କୁ ଯୋଗାଯୋଗ କରାଯାଇଥିଲା। ବେବିନା ପହଞ୍ଚିବା ପରେ ଡାକ୍ତର ପଶାୟତ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟାଗ୍‌ରେ କ'ଣ ରହିଛି । ବେବିନା ପୋଲିସକୁ ଦେଇଥିବା ତାହାର ତାଲିକା ତାଙ୍କୁ ମଗାଯାଇଥିଲା ତାଲିକା ଆଧାରରେ ବ୍ୟାଗ୍ ଯାଞ୍ଚ କରାଯାଇଥିଲା । ସେଥିରେ ଗୋଟିଏ ସୁନାଚେନ୍, ମଙ୍ଗଳସୂତ୍ର, ୫ଟି ଲକେଟ୍, କାନଫୁଲ, ୨ହଳ ଶଙ୍ଖା, ୪ହଳ ମୁଦି, ରୁପା ପାଉଁଜି, ମୁଦି, ଲକେଟ ସହ ୧୧୫୦ ଟଙ୍କା ରହିଥିବା ଜଣାପଡ଼ିଥିଲା । ତାଙ୍କ କଥାନୁସାରେ ଯାଞ୍ଚରୁ ଏହା ମେଳ ଖାଇଥିଲା। ବ୍ୟାଗ୍‌ରେ ଥିବା ସୁନା ରୁପା ଅଳଙ୍କାର ମୂଲ୍ୟ ୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ହଜି ଯାଇଥିବା ସୁନା ଓ ରୁପା ଅଳଙ୍କାର ଫେରିପାଇ ବେବିନା ଖୁସି ପ୍ରକଟ କରିବା ସହ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମିଠା ଖୁଆଇ କୃତଜ୍ଞତା ଜଣାଇଥିଲେ । ଡାକ୍ତର ପଶାୟତଙ୍କ ମହତ୍‌ପଣିଆ ଯୋଗୁ ସେ ହଜିଯାଇଥିବା ଗହଣା ଫେରିପାଇଲେ ବୋଲି କହିଛନ୍ତି। ପ୍ରକାଶଥାଉ କି, ମହିଳା ଜଣକ ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ବାଲିଆ ଅଞ୍ଚଳରେ ତାଙ୍କ ବାପଘରୁ ଅଟୋରିକ୍ସାରେ ଟିକରପଡ଼ା ଶାଶୁଘରକୁ ଫେରୁଥିଲେ । ଅସାବଧାନତା କାରଣରୁ ରାସ୍ତାରେ ତାଙ୍କ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ପଡ଼ିଯାଇଥିଲା।



ସୁନାରୁପା ଫେରିପାଇବା ପରେ ମହିଳା ଜଣଙ୍କ ଡାକ୍ତରଙ୍କୁ ମିଠା ଖୁଆଇ କୃତଜ୍ଞତା ଜଣାଉଛନ୍ତି।

# ରାଜକନିକା ବ୍ଲକ୍: ୫ ଗ୍ରାମରେ ଜଳ ସଙ୍କଟ

**ରାଜକନିକା,୪।୫(ସଞ୍ଜୟ କୁମାର ଦାଶ)**

ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ ଭୋଗୁଛନ୍ତି ଖାଡ଼ମାଳ ଗାଁର ଲୋକମାନେ । ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି ୮ ଶହ ଲୋକ। ଗାଁରେ ନାହିଁ ପାଇପ୍ ପାଣି ସୁବିଧା। ପୋଖରୀ ଉପରେ ନିର୍ଭର କରୁଛନ୍ତି ପୂରା ଗାଁ ଲୋକେ। କଟଣା ବଣିଆଁ ପଞ୍ଚାୟତର ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଖାଡ଼ମାଳ ଗାଁ। ଗାଁରେ ୧୫୦ ପରିବାରରେ ୮ଶହ ଲୋକ ବସବାସ କରିଥାନ୍ତି । ଗାଁରେ ରହିଛି ୪ ନଳକୂପ। ନଦୀକୂଳିଆ ଗାଁ ହୋଇଥିବାରୁ ୩ ନଳକୂପରୁ ବାହାରୁଛି ଲୁଣା, ହଳଦିଆ ପାଣି। ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି ପୂରା ଗାଁ ଲୋକ। ଗାଁର ମହିଳାମାନେ ଘର କାମଧନ୍ଦା ଓ ରୋଷେଇବାସ ବନ୍ଦକରି ପାଣି ପାଇଁ ନଳକୂପ ଆଗରେ ଲମ୍ବାଲାଇନ ଦେବାକୁ ପଡୁଛି ବୋଲି କହିଛନ୍ତି। ଏଥିରୁ ଧୀରେ ଧୀରେ ପାଣି ବାହାରୁଥିବାରୁ ଗୋଟିଏ ଗରା ନେବାକୁ ୧ ଘଣ୍ଟା ଲାଇନରେ ଛିଡ଼ାହେବାକୁ ପଡ଼ିଥାଏ ବୋଲି କହିଛନ୍ତି । ଗାଁଠାରୁ ୧ କି.ମି. ଦୂର ଗାଁକୁ ଆସିଛି ପାଇପ୍ ପାଣି, ହେଲେ ଏହି ଗାଁକୁ ନାହିଁ ସୁବିଧା। ଏଠାରେ ଥିବା ପୋଖରୀ ଉପରେ ପୂରା ଗାଁ ଲୋକମାନେ ନିର୍ଭର କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଗାଁ ପୋଖରୀରେ ଶୌଚ, ଗାଧୁଆ, ଲୁଗାସଫା ଓ ବାସନମଜାଠାରୁ ଆରମ୍ଭ କରି ଏହି ପାଣି ନେଇ ରୋଷେଇବାସ କରିଥାନ୍ତି ।


ମହିଳାମାନେ ନଳକୂପ ପାଖରେ ଧାଡ଼ି ଲଗାଇଛନ୍ତି।

ନଦୀକୂଳିଆ ଗାଁ ହୋଇଥିବାରୁ ମଧ ନଳକୂପରୁ ଅନେକ ସମୟରେ ଲୁଣାପାଣି ବାହାରୁଛି। ଏହି ପୋଖରୀ ପାଣିରେ ରୋଷେଇବାସ କରିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଗାଁ ମହିଳାମାନେ ଅଭିଯୋଗ କରିଛନ୍ତି । ବହୁ ବର୍ଷ ପରେ ଗାଁରେ ପଡ଼ିଛି ମେଗା ପ୍ରକଳ୍ପର ପାଇପ୍। ଆମେ ଗାଁ ଲୋକମାନେ ଖୁସି ହୋଇଥିଲୁ। ଆମ ଦୁଃଖ ଦୂରହେବ, ହେଲେ ପାଇପ୍ ମାଟିରେ ନଷ୍ଟ ହୋଇଗଲାଣି, କିନ୍ତୁ ପାଣିର ଦେଖାନାହିଁ । ଆମ ଗାଁଠାରୁ ୧ କି.ମି. ଦୂର ଗାଁକୁ ବସୁଧା ଯୋଜନାରେ ପାଇପ୍ ପାଣି ଆସୁଛି । ହେଲେ ଆମ ଦୁଃଖ କେହି ଶୁଣୁନାହାନ୍ତି । ଗାଁ ଲୋକମାନେ ପାଇପ୍ ପାଣି ଲାଗି ବହୁବାର ଆନ୍ଦୋଳନ କରିବା ସହ ରାଜନେତାଠାରୁ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରିଥିଲେ ବି କେହି

### ଖରାରେ ଲୋକେ ହନ୍ତସନ୍ତ

ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତର ଡାମରା ଗାଁରେ ୪ ଶହ ଲୋକ ବସବାସ କରନ୍ତି, ହେଲେ ଆଜି ପର୍ଯ୍ୟନ୍ତ ଗାଁକୁ ଯାଇନାହିଁ ପାଇପ୍ ପାଣି। ଗୋଟିଏ ନଳକୂପ ଉପରେ ଲୋକମାନେ ନିର୍ଭର କରିଥାନ୍ତି । ଅନେକ ସମୟରେ ଏହି ନଳକୂପ ଅଚଳହେବା ସହ ଲୁଣାପାଣି ବାହାରୁଥିବା ଗାଁ ଲୋକେ କହିଛନ୍ତି ।

ସେହିପରି ଜୟନଗର ପଞ୍ଚାୟତ ସାନରାଉଳିଆ ଗାଁରେ ପାଇପ୍ ପାଣିର ବ୍ୟବସ୍ଥା ନାହିଁ। ଅନେକ ସମୟରେ ନଳକୂପ ଅଚଳ ହେଉଛି । ପାଣି ଟୋପେ ଲାଗି ବହୁ ଦୂର ଯିବାକୁ ପଡୁଥିବା ଗାଁ ଲୋକମାନେ କହିଛନ୍ତି । ଅବଦଲପୁର ପଞ୍ଚାୟତ ଅହମ୍ମଦପୁର କଲେଜ ରାସ୍ତା ନିକଟରେ ୫୦ ଘର ବାସ କରନ୍ତି । ହେଲେ ଆଜି ପର୍ଯ୍ୟନ୍ତ ଗାଁକୁ ଯାଇପାରିନି ପାଇପପାଣି । ଗାଁରେ ରହିଛି ଗୋଟିଏ ନଳକୂପ ସେଥିରୁ ବାହାରୁଛି ଲୁଣାପାଣି। ଗୁହାରି କଲେ ବି କେହି ଶୁଣୁ ନ ଥିବା ଲୋକେ କହିଛନ୍ତି । ଏହି ପଞ୍ଚାୟତର ଦୁର୍ଗାଦେଇପାଟଣା ଗାଁରେ ୨୫ପରିବାର ବସବାସ କରନ୍ତି । ହେଲେ ଏମାନଙ୍କ ଲାଗି ନାହିଁ ପାଇପ ପାଣିର ବ୍ୟବସ୍ଥା। ପାଣି ଟୋପେ ଲାଗି ଯିବାକୁ ପଡୁଛି ଅନ୍ୟ ଗାଁକୁ ବୋଲି ଲୋକେ କହିଛନ୍ତି । ଏହି ପାଣି ସମସ୍ୟା ଲାଗି ଉଭୟ ଗାଁର ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଧାରଣା ମଧ ଦେଇଥିଲେ । ସେହିପରି ଭାରିଗଦା ପଞ୍ଚାୟତ ଦଶଭଗାରିଆ ଗାଁରେ ହଜାରେ ଲୋକ ବସବାସ କରନ୍ତି। ଗାଁକୁ ଯାଇନାହିଁ ପାଇପ୍ ପାଣିର ବ୍ୟବସ୍ଥା । ଗାଁରେ ଥିବା ଦୁଇଟି ନଳକୂପ ଭଲ ଥିବାରୁ ଏହି ଲୋକମାନେ ଲମ୍ବା ଲାଇନ ଦେଇ ପାଣି ନେଇଥାନ୍ତି । ଆଉ ୬ ନଳକୂପରୁ ଲୁଣା ଓ ଜଙ୍ଗୁଣ୍ଡଯୁକ୍ତ ପାଣି ବାହାରୁଛି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି । ଏହି ଗାଁଠାରୁ ୪ ଶହ ମିଟର ଦୂରରେ ପାଇପ୍ ପାଣି ଥିଲେ ବି ଆମ ଗାଁକୁ ଆଜି ପର୍ଯ୍ୟନ୍ତ ଦିଆଯାଇ ନାହିଁ। ଏ ସମ୍ପର୍କରେ ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରେ ଖରାଦିନ ଆସିଲେ ଜଳସ୍ତର ହ୍ରାସ ପାଏ। ଟିମ୍ କରାଯାଇ ସମସ୍ତ ଗାଁକୁ ପଠାଯାଉଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ । ବସୁଧା ଯୋଜନାରେ କାମ ଚାଲୁଛି, ଆଗପଛ ହୋଇ ସମସ୍ତ ଗାଁରେ ପାଇପ୍‌ପାଣି ପହଞ୍ଚିବ ବୋଲି କହିଛନ୍ତି ।

# ସ୍ୱାମୀ ସମ୍ମୁଖରେ ଚାଲିଗଲା ସ୍ତ୍ରୀଙ୍କ ଜୀବନ

## ବୁଲେଟକୁ ପଛରୁ ଧକ୍କା ଦେଲା କୋରିଅର ଟ୍ରକ୍

**ଭୁବନେଶ୍ୱର ୪।୫(ପ୍ରସନଜିତ୍ ସାହୁ)**

କୁଏଟ୍‌ରୁ ଫେରିଥିବା ସ୍ୱାମୀଙ୍କ ସହ ସପିଙ୍ଗ ପାଇଁ ବୁଲେଟରେ ଯାଉଥିଲେ ସ୍ତ୍ରୀ । ହେଲେ ବାଟରେ ଜୀବନ ନେଇଗଲା କୋରିଅର ଟ୍ରକ। ସୋମବାର ପଳାଶୁଣୀ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଘଟିଛି ଏହି ଦୁଃଖଦ ଘଟଣା। ସ୍ୱାମୀଙ୍କ ଆଗରେ ଚାଲିଯାଇଛି ସ୍ତ୍ରୀଙ୍କ ଜୀବନ। ମୃତ ମହିଳା ଜଣକ ହେଲେ କେନ୍ଦ୍ରାପଡା ଜିଲା ଆଳି ଥାନା ଅଞ୍ଚଳର ନମିତା ରାଉଳ (୪୬)। ଖବର ପ୍ରଚାରିତ ହେବା ପରେ ଲୋକମାନେ ଉତ୍ତେଜିତ ହୋଇ ରାସ୍ତାରୋକୋ କରିବା ସହିତ ଟ୍ରକ କାଚ ଭାଙ୍ଗି ଦେଇଥିଲେ। ଫଳରେ ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ଧରି ଜାମ୍ ହେବା ସହ ଗାଡି ମୋଟର ଚଳାଚଳ ବ୍ୟାହତ ହୋଇଥିଲା। ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ପୋଲିସ ଉଭୟ ବାଇକ ଓ ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଏହି ଘଟଣାରେ ମୃତକଙ୍କ ସ୍ୱାମୀ ହେମନ୍ତ ରାଉଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ନମିତାଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହେମନ୍ତ କୁଏଟରେ ଚାକିରି କରୁଥିବାବେଳେ ସ୍ତ୍ରୀ ନମିତା ପୁଅ ସହ ବାଲିଅନ୍ତା ଭଡ଼ା ଘରେ ରୁହନ୍ତି। କିଛିଦିନ ତଳେ ହେମନ୍ତ କୁଏଟରୁ ଫେରିଥିଲେ। ସୋମବାର ଦିନ ସାଢେ ୧୨ଟା ସମୟରେ ନମିତା ଓ ହେମନ୍ତ ଏକ ବୁଲେଟରେ ସପିଙ୍ଗ ପାଇଁ ବାଲିଅନ୍ତା ଭଡ଼ାଘରୁ ବାହାରି ପଳାଶୁଣି ଦେଇ ରସୁଲଗଡ ଆଡକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା।

# ପାଣି ପାଇଁ ଶ୍ରମିକଙ୍କ ଧାରଣା



ମଶାକଣିସ୍ଥିତ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଗୋଦାମ ଗୃହ ଫାଟକ ସମ୍ମୁଖରେ ପାଣି ପାଇଁ ଶ୍ରମିକ ସଂଗଠନ ଧାରଣା।

**ମହାକାଳପଡ଼ା, ୪।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ମହାକାଳପଡ଼ା ବ୍ଲକ ଯଦୁପୁର ପଞ୍ଚାୟତ ୫୩ ନଂ. ଜାତୀୟ ରାଜପଥ ମଶାକଣି ବଡଦଣ୍ଡାଠାରେ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଗୋଦାମ ଗୃହ ରହିଛି। ଏହି ଗୋଦାମ ଗୃହରେ ଶହେରୁ ଅଧିକ ଦୈନିକ ଗାଡ଼ି ଚାଳକ, ହେଲ୍ପର୍ ଓ ଶ୍ରମିକ ଖରା ହେଉ କି ବର୍ଷା ଖାତିର ନ କରି ପଣ୍ୟ ଦ୍ରବ୍ୟଗୁଡ଼ିକ ଗାଡିରୁ ଲୋଡ ଅନଲୋଡ଼ କରିଥାନ୍ତି। ହେଲେ ଏମାନଙ୍କୁ ପିଇବା ପାଣି ସମସ୍ୟା ଦେଖାଦେଇଛି। ପାଣି ମୁନ୍ଦେ ପାଇଁ ଜିଲାଠାରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କିଛି ସମସ୍ୟା ସୁଧୁରୁନି ବୋଲି ଶ୍ରମିକମାନେ ଅଭିଯୋଗ କରି ସୋମବାର ଧାରଣା ଦେଇଥିଲେ। ଗୋଦାମ ଗୃହ ପରିଚାଳକ ଶ୍ୟାମ ମଣ୍ଡଳ, ମିଲ ସଂଘ ସଭାପତି ଧ୍ରୁବ ସାହୁ , ଶ୍ରମିକ ସଂଘ ସଭାପତି ଦିଗନ୍ତ ସାମନ୍ତରାୟଙ୍କ ଅନ୍ୟ ଶ୍ରମିକ ଓ କର୍ମଚାରମାନେ ପାଣି ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଗୋଦାମ ଗୃହ ଶ୍ରମିକ କର୍ମଚାରୀଙ୍କୁ ପିଇବା ପାଣି ଯୋଗାଇ ଦେବା ପାଇଁ ବିଭିନ୍ନ ମହଲରେ ଦାବୀ କରିଛନ୍ତି।

# ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କ ଦୋକାନ, ଘରୁ ଡକାୟତି ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୪।୫(କଳ୍ପତରୁ ନାୟକ)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଚୁନଡିଅଠାରେ ଥିବା ଏକ ସାନିଟାରୀ ଦୋକାନ ଓ ପଛ ଘରୁ ରବିବାର ଭୋରୁ ଡକାୟତି ହୋଇଛି। ଡକାୟତମାନେ ସମସ୍ତେ ମୁଖା ପିନ୍ଧିଥିବା ବେଳେ ହାତରେ ବନ୍ଧୁକ ଧରିଥିଲେ। ସେମାନେ ଘରର ସମସ୍ତ ଆସବାବ ପତ୍ର ଫୋପାଡି ବନ୍ଧୁକ ଦେଖାଇ ସୁନା ରୁପା ଟଙ୍କା ମୋବାଇଲ ଆଦି ଲୁଟି ନେଇଛନ୍ତି। ଏନେଇ ଡକାୟତିର ଶିକାର ହୋଇଥିବା ବ୍ୟବସାୟଙ୍କ ପୁଅ ମୁକେଶ କୁମାର ରାୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ ଗୌତମଙ୍କର ଚୁନଡିହଠାରେ ଘର ଥିବା ବେଳେ ଆଗରେ ଏକ ସାନିଟାରୀ ଦୋକାନ କରିଛି। ରବିବାର ଭୋର ପ୍ରାୟ ୪ଟାରେ ୫ ଜଣ ଦୁର୍ବୃତ୍ତ ଦୋକାନ ଭିତରେ ପଶିଥିଲେ। ସମସ୍ତେ ମୁଖା ପିନ୍ଧିଥିବା ବେଳେ ହାତରେ ବନ୍ଧୁକ ଥିଲା। ଦୋକାନରେ ଗୌତମଙ୍କୁ ବନ୍ଧୁକ ଦେଖାଇ ସେ ପିନ୍ଧିଥିବା ୮ ଭରିର ସୁନା ଚେନ ସହିତ ଦୁଇ ଭରିର ଏକ ମୁଦିକୁ ନେଇ ଯାଇଥିଲେ। ତାଙ୍କୁ ନିସ୍ତୁକ ମାଡ ମାରି ତାଙ୍କ ମୋବାଇଲ ନେଇ ତାଙ୍କୁ ଏକ ଘରେ ବନ୍ଦ କରିଦେଇଥିଲେ। ପରେ ପଛ ଘରକୁ ପସି ପରିବାର ଲୋକଙ୍କୁ ବନ୍ଧୁକରେ ଭୟଭୀତ କରି ଅଲମାରି ଭାଙ୍ଗି ସମସ୍ତ ସୁନା ଓ ନଗଦ ଟଙ୍କା ନେଇ ଯାଇଥିଲେ। ପରିବାର ସଦସ୍ୟଙ୍କ ହାତ ଗୋଡ ବାନ୍ଧି ବାହାରୁ କବାଟ ବନ୍ଦ କରି ଚାଲି ଯାଇଥିଲେ ବୋଲି ମୁକେଶ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ନେଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଘଟଣାକୁ ନେଇ ତଦନ୍ତ ଚାଲିଛି ମାମଲା ହୋଇନାହିଁ ବୋଲି କହିଛନ୍ତି।

# ପୋଖରୀରେ ବୁଡ଼ି ଜଣେ ମୃତ

**ରାଜକନିକା,୪।୫(ସଞ୍ଜୟ କୁମାର ଦାଶ)**

### ମୃତ୍ୟୁକୁ ନେଇ ସନ୍ଦେହରେ ପରିବାର, ଗ୍ରାମବାସୀ

ରାଜକନିକା ଥାନା କୋଇଲିପୁର ପଞ୍ଚାୟତ ଚାରିପୋଖରିଆ ଗାଁର ରାମଚନ୍ଦ୍ର ରାଉତ(୫୩)ଙ୍କର ସୋମବାର ପୂର୍ବାହ୍ନ ସମୟରେ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାମଚନ୍ଦ୍ର ପୂର୍ବାହ୍ନ ୧୦ଟାରେ ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ଘରଲୋକେ ଓ ଗାଁର ଅନ୍ୟମାନେ ଖୋଜାଖୋଜି କରିଥିଲେ। ପୋଖରୀ କୂଳରେ ତାଙ୍କ ଗାମୁଛା, ବାଲ୍‌ଟି ଓ ଚପଲ ଦେଖି ପୋଖରୀରେ ଖୋଜାଖୋଜି କରି ମୃତଦେହ ପାଇ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ପୋଲିସ ପହଞ୍ଚି ମୃତଦେହ ଜବତକରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି । ହେଲେ ଜଣେ ସୁସ୍ଥ ସବଳ ଲୋକ ଏମିତି ପୋଖରୀ ମଧ୍ୟରେ ବୁଡ଼ି ମରିବାକୁ ନେଇ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ଗ୍ରାମବାସୀ ମଧ ସନ୍ଦେହ କରୁଛନ୍ତି। ତେବେ ରାମଚନ୍ଦ୍ରଙ୍କ ଘରେ ସ୍ତ୍ରୀ, ଝିଅ ଓ ପୁଅ ଅଛନ୍ତି । ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ତଥା ଗ୍ରାମବାସୀ ଦାବି କରିଛନ୍ତି ।

# ସଂସ୍କୃତ ମଧ୍ୟମାରେ ପ୍ରିୟଙ୍କା ଜିଲା ଟପ୍ପର

**ରାଜନଗର,୪।୫(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଜରିମୂଳ ଲକ୍ଷ୍ମୀ ନାରାୟଣ ସଂସ୍କୃତ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପ୍ରଧାନ ଚଳିତ ବର୍ଷ ମଧ୍ୟମା ପରୀକ୍ଷାରେ ୬୦୦ରୁ ୫୬୩ ନମ୍ବର ରଖି କେନ୍ଦ୍ରାପଡ଼ା ଜିଲା ଟପ୍ପର ହୋଇଛନ୍ତି । ପ୍ରିୟଙ୍କା ଜିଲା ଟପ୍ପର ହେବା ସହ ରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହେବେ ବୋଲି ସେ କହିଛନ୍ତି। ରାଜନଗର ପଞ୍ଚାୟତ ମଲିଆବୁଦା ଗ୍ରାମର ରତ୍ନାକର ନାୟକ ଓ ପୁଷ୍ପଲତା ନାୟକଙ୍କ କନ୍ୟା । ପ୍ରିୟଙ୍କା ନିଜ ମାମୁଁଘର ଭଦିଆରେ ରହି ପଢୁଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବରଦାକାନ୍ତ ଜେନା ପ୍ରିୟଙ୍କାଙ୍କ ଘରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ମାର୍ଶାଘାଇ,୪।୫(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକରେ ସୋମବାର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଜିଲା ପ୍ରଶାସନଙ୍କ ଦୃଷ୍ଟିକୁ ଆଣିଥିଲେ। ଶିବିରରେ ୭୨ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ, ସେଥିରୁ ୫୮ ବ୍ୟକ୍ତିଗତ ଏବଂ ୧୪ ସାମୂହିକ ଥିଲା। ସାମୁହିକ ଅଭିଯୋଗ ମଧ୍ୟରେ ଜମ୍ବୁ କେନାଲର ପୁନଉଦ୍ଧାର, ଦୁମୁକା ସମବାୟ ସମିତିର ନୂଆ ଘର ନିର୍ମାଣ, ବେରୁହାଁ ପଞ୍ଚାୟତ ଅଫିସ ଘର, ଗରଜଙ୍ଗା ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ବଦଳି, ଶିଳିପୁରରେ ପୋଲ, ଦିଆଁରମୁଣ୍ଡ ଗ୍ରାମରେ ନଳକୂପ, ମାର୍ଶାଘାଇ ହାଇସ୍କୁଲ ଜମି ହବରଦଖଲ ମୁକ୍ତ, କୁଆଁରପାଳ ଗ୍ରାମରେ ଗୋଚର ଜମିରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡ, ଆବାସ ଯୋଜନାରେ ଘର ଓ ବିଦ୍ୟୁତ୍ ସଂଯୋଗ ଆଦି ରହିଥିଲା। ୯ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ଏବଂ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି।

ଶିବିରରେ ଜିଲାପାଳ ରଘୁରାମ ଆର. ଆୟର, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼ ଏବଂ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରା, ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ବିଡ଼ିଓ ଇତିଶ୍ରୀ ପଣ୍ଡା ଓ ତହସିଲଦାର ଶ୍ରୀକାନ୍ତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ ବର୍ଷ ବିତିଲା: କେନ୍ଦ୍ରାପଡା କେନାଲ ସେତୁ ଅଧାପନ୍ତରିଆ

**ଡେରାବିଶ, ୪।୫ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଦାନପୁରଠାରେ ନିର୍ମିତ ହୋଇଥିବା ଲୁଣା ନଦୀ ସେତୁ ଡେରାବିଶ ବ୍ଲକ ଅଞ୍ଚଳ ସମେତ ଗରଦପୁର, ମାର୍ଶାଘାଇ ଓ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ଜୀବନ ରେଖା ପାଲଟିଛି । ୨୦୧୬ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ଏହି ଲୁଣା ନଦୀ ସେତୁ ଅଧାପାନ୍ତରିଆ ହୋଇ ରହିଛି। ଏହାକୁ ସଂଯୋଗ କରୁଥିବା କେନ୍ଦ୍ରାପଡା କେନାଲ ଉପରେ ନିର୍ମିତ ସେତୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। କେନାଲ ସେତୁକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ୧୧ ବର୍ଷ ପରେ ମଧ ନିର୍ମାଣ ହୋଇ ପରି ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ଏହି ଦୁଇଟି ସେତୁ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଏକ ବିରାଟ ଅଞ୍ଚଳର ଜନସାଧାରଣଙ୍କୁ ସମସ୍ୟା ଭିତରକୁ ଠେଲିଦେଇଛି। ୨୦୧୬ରେ ଲୁଣା ସେତୁ ଲୋକାର୍ପଣ ପରେ ପୂର୍ତ୍ତ ବିଭାଗ ଜିଲା ଜଳସମ୍ପଦ ବିଭାଗ ଅଧିନରେ



ଅଧା ହୋଇ ରହିଥିବା ପୋଲ ।

ଥିବା କେନାଲ ବନ୍ଧ ରାସ୍ତାଟିକୁ କେବଳ ଯାତାୟାତ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରି ଚୁପ୍ ବସି ରହିଥିବା ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ କହିଛନ୍ତି। ସୁଖଦାନନ୍ଦଙ୍କ ସୁଚନା ଅନୁଯାଇ ସେତୁକୁ ଅସ୍ଥାୟୀ ଭାବେ ସଂଯୋଗ କରୁଥିବା ଜଳସମ୍ପଦ ବିଭାଗର କେନାଲବନ୍ଧ ରାସ୍ତାରେ ବ୍ରିଟିଶ ସମୟରୁ ଥିବା ଏକ ଲକ୍ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ବିପଦସଙ୍କୁଳ ପୋଲ ଦେଇ ଗରଦପୁର, ମାର୍ଶାଘାଇ ଓ ନିଶ୍ଚିନ୍ତକୋଇଲିଲୁ ଦୈନିକ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍, ଟ୍ରକ୍ ଓ ବିଭିନ୍ନ ଯାନବାହନ ଚଳପ୍ରଚଳ କରୁଛି। ଏଥିସହିତ କେନ୍ଦ୍ରାପଡା ଜିଲା କାର୍ଯ୍ୟାଳୟ, ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ ଥିବା ଶତାଧିକ ଗ୍ରାମବାସୀ ଅସୁରକ୍ଷିତ ଭାବେ ଯାତାୟାତ କରୁଥିବା ବେଳେ ଜିଲାର ପ୍ରମୁଖ ହାଟ ଚାନ୍ଦୋଳ ସମେତ ଅନ୍ୟାନ୍ୟ ହାଟ ବଜାରକୁ ଚାଷୀ ଓ ବ୍ୟବସାୟୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ନେଇ ଏହି ରାସ୍ତା ଦେଇ ଦୈନିକ ଯାତାୟାତ କରିଥାନ୍ତି। ଏଥିସହିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ବିପଦସଙ୍କୁଳ ପୋଲ ଉପରେ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଲକ୍ ପୋଲଟି କେଉଁ ମୁହୂର୍ତ୍ତରେ ଭୁଷୁଡି ଅଘଟଣ ନ ଘଟାଇବ ସେ କଥା କିଏ କହିବ। ତେବେ ବର୍ଷା ପୂର୍ବରୁ ଏହି କେନାଲ ସେତୁକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ସୁଖଦାନନ୍ଦ ଜିଲାପାଳଙ୍କ ନିକଟରେ ଦାବୀ କରିଛନ୍ତି।

ଅପରପକ୍ଷରେ ୨୦୨୩ରେ କେନାଲ ସେତୁକୁ ସଂଯୋଗ କରୁଥିବା ରାସ୍ତାକୁ ଜବରଦଖଲମୁକ୍ତ କରି କେନ୍ଦ୍ରାପଡା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ ପାଇଁ ତତ୍ପରତା ପ୍ରକାଶ କରିଥିଲେ। ମାତ୍ର ଏହି କାର୍ଯ୍ୟ କୌଣସି କାରଣ ହେତୁ ଅଟକି ଯିବାରୁ ତତ୍କାଳୀନ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ କାନପୁର ଆଇଆଇଟି ବିଭାଗ ପକ୍ଷରୁ ବୈଷୟିକ ମଞ୍ଜୁରି ଆସି ନ ଥିବାରୁ ଏହି ରାସ୍ତାର ନିର୍ମାଣରେ ବିଳମ୍ବ ହେଉଥିବା କହିଥିଲେ। ମାତ୍ର ଇତିମଧ୍ୟରେ ୪ବର୍ଷ ବିତିଥିଲେ ମଧ ସଂଯୋଗୀକରଣ ରାସ୍ତା ଆରମ୍ଭ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ(୨) ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନାଙ୍କୁ ପଚାରିବାରୁ ଏହି ସଂଯୋଗୀକରଣ ରାସ୍ତା ପାଇଁ ୫କୋଟି ଟଙ୍କାର ଏଷ୍ଟିମେଟ କରାଯାଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି। ଅର୍ଥ ମଞ୍ଜୁର ପରେ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କରାଯାଇ କାର୍ଯ୍ୟାରମ୍ଭ କରାଯିବ ବୋଲି ଯନ୍ତ୍ରୀ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବଳରାମ


@ ବିଷ୍ଣୁ


@ କ୍ରିଷ୍ଣା


@ ସନ୍ତୋଷ


@ ଗୁରୁପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବ୍ରାଉନ୍‌ସୁଗାର ଜବତ, ମହିଳାଙ୍କ ସମେତ ୨ ଗିରଫ

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସୋମବାର ଗୁରୁଜଙ୍ଗ ଦେଓ୍ୱାନ ସାହି ନିକଟ ଖେଳପଡ଼ିଆରେ ଚଢ଼ାଉ କରି ୪୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ଗୁରୁଜଙ୍ଗ ଦେଓ୍ୱାନ ସାହିର ସନ୍ଧ୍ୟାରାଣୀ ବେହେରା ଓରଫ ବେବିନା(୨୬) ଏବଂ ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ପିଏନ୍ କଲେଜ ଛକର ରୋହନ ଖାନ ଓରଫ ବବୁଲ(୨୭)। ଏଥିସହ ଏମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୪୮/୨୬) ରୁଜୁ ହୋଇଛି। ବ୍ରାଉନ୍‌ସୁଗାର କେଉଁଠୁ ଆଣୁଥିଲେ, ଏମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ ଚାଲିଛି ବୋଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଦେବୋତ୍ତର ବିଭାଗକୁ ଯିବା ଘଟଣାରେ ହାଇକୋର୍ଟଙ୍କ ରହିତାଦେଶ



ଫତେଗଡ଼ ଶ୍ରୀରାମ ମନ୍ଦିର ।

ଭାପୁର,୪।୫ (ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ ପାହାଡ ଉପରେ ଫତେଗଡ ଶ୍ରୀରାମ ମନ୍ଦିର ଦାୟିତ୍ୱ ଫତେଗଡ ଶ୍ରୀରାମ ପରିଷଦ ତରଫରୁ ପରିଚାଳନା କରାଯାଉଛି। କେତେକ ଖଳ ପ୍ରକୃତିର ଲୋକେ ଫତେଗଡ ଶ୍ରୀରାମ ପରିଷଦ ଟ୍ରଷ୍ଟରୁ ଏହାକୁ ଅଲଗା କରିବା ସହ ଦେବୋତ୍ତର ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଷଡ଼ଯନ୍ତ୍ର କରି ପିଟିଶନ କରିଥିଲେ। ଏନେଇ

### ଫତେଗଡ଼ ଶ୍ରୀରାମ ମନ୍ଦିର

ଫତେଗଡ ଶ୍ରୀରାମ ପରିଷଦ ତରଫରୁ କୋର୍ଟରେ ପିଟିଶନ ନଂ ୧୩୬୪୭ ଦାଏର କରିଥିଲେ। ସୋମବାର ଉଚ୍ଚ ନ୍ୟାୟାଳୟ ଏହାର ଶୁଣାଣି କରି ପିଟିଶନ ଶୁଣାଣି ପର୍ଯ୍ୟନ୍ତ ମନ୍ଦିରର ପରିଚାଳନା ଦାୟିତ୍ୱ ଫତେଗଡ଼ ଶ୍ରୀରାମ ପରିଷଦ ଟ୍ରଷ୍ଟି ହାତରେ ରହିବା ପାଇଁ ରହିତାଦେଶ ଜାରି କରିଛନ୍ତି। ଶ୍ରୀରାମ ପରିଷଦ ତରଫରୁ ପରିଚାଳନା କରିଥିଲେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର, ଦୁର୍ଗାପ୍ରସାଦ ନନ୍ଦ, ସୌଭାଗ୍ୟ କୁମାର ରଥ, ଅମୀୟ କୁମାର ମିଶ୍ର ଓ ଦୁଇ ଜଣିଆ ଖଣ୍ଡପୀଠ ବି.ପି ରାଉତରାୟ ଓ ଶଶୀକାନ୍ତ ମିଶ୍ର।

## ହାତୀ ଆକ୍ରମଣରେ ମହିଳା ମୃତ

ନୟାଗଡ଼/ନୂଆଗାଁ,୪।୫ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହୀପୁର ରେଞ୍ଜ ଗୁମି ପଞ୍ଚାୟତ ବରକୋଳା କାଜୁ ବଗିଚା ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ମହିଳା ସୋମବାର ପ୍ରାଣ ହରାଇଛନ୍ତି । ସେ ହେଲେ ବରକୋଳା ଗାଁର ତିଲୋତମା ପ୍ରଧାନ(୫୦)। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁସାରେ, ତିଲୋତମା ଓ ଅନ୍ୟ କେତେକ ମହିଳା ନିଜ କାଜୁ ବଗିଚାକୁ ଫଳ ତୋଳିବାକୁ ସୋମବାର ଯାଉଥିଲେ। ୬ ହାତୀଥିବା ପଲ ବରକୋଳା କାଜୁ ଜଙ୍ଗଲ ଆଡୁ ଫେରୁଥିବା ବେଳେ ଗୋଟିଏ ହାତୀ ତିଲୋତମାଙ୍କୁ ଆକ୍ରମଣ କରିଥିଲା। ତିଲୋତମାଙ୍କୁ ହାତୀ ଶୁଣ୍ଢରେ ନେଇ ଗଛରେ ପିଟି ଗୋଡରେ ଚକଟି ମାରି ଦେଇଥିଲା। ସେଠାରୁ ଅନ୍ୟ ମହିଳାମାନେ ଖସି ଦୌଡି ପଳାଇ ଯାଇ ଘଟଣା ସମ୍ପର୍କରେ ଗାଁରେ ଖବର ଦେବା ପରେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ଘଟଣା ସମ୍ପର୍କରେ ମହୀପୁର ରେଞ୍ଜର ଅମ୍ରିତ କୁମାର ସାହୁ କୁହନ୍ତି, ବନବିଭାଗ ପକ୍ଷରୁ ହାତୀପଲଙ୍କ ଗିତିବିଧି ଉପରେ ନଜର ରଖାଯାଇଛି। ମୃତ ମହିଳାଙ୍କ ପରିବାର କିପରି କ୍ଷତିପୂରଣ ପାଇ ପାରିବେ ସେ ନେଇ ବନବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି।

## ଉତ୍କଳଘଣ୍ଟି ହାସ୍ୟରସିକ ଉପାୟନ ପାଇଲେ କୁଳାଙ୍ଗାର



ଡ.କୁଳାଙ୍ଗାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

ନୟାଗଡ଼, ୪।୫ (ଲୋକନାଥ ମିଶ୍ର)

### ବିଶ୍ୱ ହାସ୍ୟ ଦିବସରେ ହସିଲେ ହସାଇଲେ

ମେ ପ୍ରଥମ ରବିବାରକୁ ବିଶ୍ୱ ହାସ୍ୟ ଦିବସ ରୂପେ ନୟାଗଡ଼ରେ ପାଳନ କରାଯାଇଛି। ଏହି ଅବସରରେ ନୟାଗଡ଼ ଜିଲା ସାହିତ୍ୟ ସଂସ୍କୃତିବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ପୁରୁଣାସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାମ୍ନା ଯଦୁମଣି ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ମଧୁମିତା ରଥ ଏବଂ ବିଶିଷ୍ଟ ଅତିଥି ଓଡ଼ିଶା ଚଳଚ୍ଚିତ୍ର ଜଗତର ଲୋକପ୍ରିୟ କଳାକାର ଅଶ୍ରୁମୋଚନ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା, ବୋଲଗଡ଼ ଏକ୍ସପ୍ରେସ୍ ବ୍ରଜ ସୁବୁଦ୍ଧି, ଡ.କୁଳାଙ୍ଗାର, ସତ୍ୟାନାଶ, ରବୀନ୍ଦ୍ର ରାଉତ, ବିଭୁ ମିଶ୍ର,ସଚିକାନ୍ତ ବେହେରା, ପ୍ରତାପ ସାହୁ ଏବଂ ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ବ୍ୟଙ୍ଗ କବିମାନେ ଯୋଗଦେଇଥିଲେ। ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ଉତ୍କଳଘଣ୍ଟି ହାସ୍ୟରସିକ ଉପାୟନ-୨୦୨୬ ବ୍ୟଙ୍ଗବାଗୀଶ ଡ.କୁଳାଙ୍ଗାରଙ୍କୁ ପ୍ରଦାନ ସହିତ ନଗଦ ୨୧ହଜାର ଟଙ୍କା ପୁରସ୍କାର ରାଶି, ଉପଢୌକନ ଏବଂ ମାନପତ୍ର ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ଅନୁରୂପ ଭାବେ ଅନ୍ୟ ହାସ୍ୟ କଳାକାରମାନଙ୍କୁ ମଧ୍ୟ ଉପଢୌକନ ଏବଂ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନ ସମ୍ପାଦକ ନିର୍ମଳ ଶୁରଦେଓ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ,ଶେଖ ଅବଦୁଲ ଖାଲିକ, କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ହସିବା ଦ୍ୱାରା ଦେହ ଓ ମନ ସୁସ୍ଥ ରହେ। ପ୍ରତ୍ୟେକ ମନୁଷ୍ୟ ନିଜେ ହସିବା ସହ ଅନ୍ୟମାନଙ୍କୁ ହସାଇବା ଆବଶ୍ୟକ।

## ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ମାଟ୍ରିକ୍ ଜିଲା ଟପ୍ପର



ଜିଲାପାଳ ମଧୁମିତା ରଥ ସରୋଜଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼,୪।୫ (ଲୋକନାଥ ମିଶ୍ର)

ମାଟ୍ରିକ୍ ପରୀକ୍ଷାରେ ନୟାଗଡ଼ ଜିଲା ଟପ୍ପର କ୍ରିଦାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଛାତ୍ର ତଥା କୋଶକା ଗାଁର ସରୋଜ କୁମାର ଜେନାକୁ ସୋମବାର ଜିଲାପାଳ ମଧୁମିତା ରଥ ସମ୍ବର୍ଦ୍ଧିତ କରିଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଧାନ ଶିକ୍ଷକ ଅନ୍ତର୍ଯାମୀ ପତି, ଶିକ୍ଷକ ପଞ୍ଚାନନ ତ୍ରିପାଠୀ ଏବଂ ସିଆର୍‌ସିସିଙ୍କ ଉପସ୍ଥିତିରେ ଜିଲାପାଳ ସରୋଜକୁ ସମ୍ବର୍ଦ୍ଧିତ କରିବା ଉପହାର ଦେଇଛନ୍ତି। ଚଳିତ ବର୍ଷ ଏଠାରୁ ସରୋଜ ଜିଲା ଟପ୍ପର ହେବା ପରେ ଚର୍ଚ୍ଚାକୁ ଆସିଛି ସ୍କୁଲ। ସରୋଜ ୫୭୨ ମାର୍କ ରଖି ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । କ୍ରିଦାଶପୁର ପଞ୍ଚାୟତ କୋସକା ଗ୍ରାମର ସରୋଜ ବାପ ଛେଉଣ୍ଡ । ତାଙ୍କ ବାପା ଗଦାଧର ଜେନା ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମା' ଜସ୍ମିନୀ ଜେନାଙ୍କ କୋଳରେ ସେ ବଢ଼ିଥିବା ବେଳେ ଜେଜେବାପା ବିନାୟକ ଜେନା ତାଙ୍କ ପାଠପଢ଼ାରୁ ଆରମ୍ଭ କରି ସବୁ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି।

## ୧୧୫ ଅଭିଯୋଗରୁ ୩୬ ସମାଧାନ

ନୟାଗଡ଼,୪।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଏସ. ସୁଶ୍ରୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍, ଅତିରିକ୍ତ ଜିଲାପାଳ ରୋଜିନା ଦାସ ଓ ବିଜୟାନନ୍ଦ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।





ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଯୁଗ୍ମ ଜନଶୁଣାଣି ଶିବିରକୁ ୧୧୫ଟି ଅଭିଯୋଗ ଆସିଥିବା ବେଳେ ଏଥିରୁ ୩୬ଟିର ସମାଧାନ ହୋଇଛି । ସମାଧାନ ହୋଇ ପାରି ନ ଥିବା ଅଭିଯୋଗ ଗୁଡିକୁ ବିଭାଗୀୟ ବିଭାଗକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୧୫ ଅଭିଯୋଗ ମଧ୍ୟରୁ ୧୦୫ ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩ଟି ଗ୍ରାମ୍ୟ ଅଭିଯୋଗ ଥିଲା। ସେହିପରି ୭ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଅଭିଯୋଗ ରହିଥିଲା।

## ପୋଲର ସଂଯୋଗ ରାସ୍ତା ନିର୍ମାଣ କାମ ତ୍ୱରାନ୍ୱିତ ଦାବି



ଦୁଆଣ୍ଟ ନଦୀ ପୋଲକୁ ସଂଯୋଗ କରୁଥିବା ରାସ୍ତା।

ନୟାଗଡ଼,୪।୫(ଲୋକନାଥ ମିଶ୍ର)

ନୂଆ ଜଗନ୍ନାଥ ସଡ଼କ ଡିମଶର ଦୁଆଣ୍ଟ ନଦୀ ପୋଲ କାମ ଶେଷ ହୋଇଛି । ତେବେ ଉଭୟ ପାର୍ଶ୍ୱ ସଂଯୋଗ ରାସ୍ତା କଚ୍ଛପ ଗତିରେ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ତୁରନ୍ତ ସଂଯୋଗ ରାସ୍ତା କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ଉଠିଛି । ଅନ୍ୟପକ୍ଷେ ନଦୀ ଭିତର ଦେଇ କରାଯାଇଥିବା ଅସ୍ଥାୟୀ ରାସ୍ତାର ମରାମତି କରାଯାଉ ନାହିଁ । ବର୍ଷା ହେଲେ ସଂପୃକ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏବେ ଶୁଖିଲା ପାଗରେ ବି ସଂପୃକ୍ତ ଅସ୍ଥାୟୀ ରାସ୍ତାରେ ଯାତାୟାତ କରିବା କାଠିକର ପାଠ ହୋଇ ପଡୁଛି । ପ୍ରାୟ ୪୩ ବର୍ଷ ତଳେ ତତ୍କାଳୀନ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଦୁଆଣ୍ଟ ନଦୀ ପୋଲକୁ ଉଦ୍‌ଘାଟନ କରିଥିଲେ । ପୋଲଟି ବହୁ ବର୍ଷର ପୁରୁଣା ହୋଇଥିଲେ ହେଁ ଭଲ ଥିଲା । ବାଲି ଚୋରମାନେ ନଦୀର ଶଯ୍ୟା ଖୋଳି ବାଲି ନେଇ ଯିବା ପରେ ବନ୍ୟା ଜଳ ଯୋଗେ ପୋଲର ରାଫ୍ଟ ଫାଉଣ୍ଡେଶନର ପାର୍ଶ୍ୱରେ ଗର୍ତ୍ତ ହୋଇ ରହିଥିଲା । ରାଫ୍ଟ ଫାଉଣ୍ଡେଶନ ଗର୍ତ୍ତ ମରାମତି ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ ହେଁ ପୂର୍ତ୍ତ ବିଭାଗ ଅଣଦେଖା କରିଥିଲା । ଏଣୁ ୨୦୨୧ ଡିସେମ୍ବର ୨୯ରେ ପୋଲଟି ଦବି ଭୁଶୁଡି ଯାଇଥିଲା । ଶରଣକୁଳ ଲଡୁବାବାଙ୍କ ଧାମରୁ ପୁରୀ ଧାମକୁ ପଡିଥିବା ନୂଆ ଜଗନ୍ନାଥ ସଡ଼କର ଡିମିଶର ପନ୍ଦାରିଛକ ସ୍ଥିତ ଦୁଆଣ୍ଟ ନଦୀ ପୋଲ ଭୁଶୁଡିବାର ଇତି ମଧ୍ୟରେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇ ଗଲାଣି । ନୂଆ କରି ପୋଲ ନିର୍ମାଣ ହୋଇ ସାରିଛି । ତେବେ ଉଭୟ ପାର୍ଶ୍ୱ ସଞ୍ଜୋଗ ରାସ୍ତା ନିର୍ମାଣ କରାଯିବାରେ ବିଳମ୍ବ କରାଯାଉଥିବା ଅଭିଯୋଗ ହେଉଛି।

## ମହିମା ଆଶ୍ରମରେ ଆଧ୍ୟାତ୍ମିକ ଧର୍ମସଭା

ନୟାଗଡ଼, ୪।୫(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରସ୍ଥିତ ମହିମା ଆଶ୍ରମରେ ସୋମବାର ଅପରାହ୍ନରେ ଅଲେଖ ବ୍ରହ୍ମ ଧୁନୀ ସ୍ଥାପନ, ଅଖଣ୍ଡ ଘୃତବତୀ ପ୍ରଜ୍ୱଳନ, ପ୍ରଭୁ ନାମ ଭଜନ ତଥା ଆଧ୍ୟାତ୍ମିକ ଧର୍ମ ସଭା ଅନୁଷ୍ଠିତ ହୋଇଛି। ମହିମା ଧର୍ମ ସମାଜ ବଲ୍କଲ ଧାରି ଅବଧୂତ ପ୍ରମୋଦ ବାବାଙ୍କ ଅଧ୍ୟକ୍ଷତାରେ ପରଅପର ସନ୍ୟାସୀ ସାଧୁ ଭକ୍ତମାନେ ତଥା ମହିମା ଶ୍ରିତ ଭକ୍ତ, ପିତାମାତା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସାଧୁ ନାରାୟଣ ଦାସ, ଉଦୟନାଥ ରାୟ, ଭଗବତୀ ଚରଣ ପଟ୍ଟନାୟକ, ଧନେଶର ପ୍ରଧାନ ଏହାର ଆବାହକ ଥିଲେ। ଧର୍ମ ସଭାରେ ବକ୍ତାମାନେ ପ୍ରକାଶ କରିଥିଲେ, ଆର୍ଯ୍ୟ ଭାରତୀୟ ସଂସ୍କୃତିର ମୂଳଦୁଆ ହିଁ ଆଧ୍ୟାତ୍ମିକ ଧର୍ମ ଚେତନା। ପୁଣ୍ୟମୟ ଭାରତ ଦେଶ ସମଗ୍ର ବିଶ୍ୱ ଦରବାରରେ ଧର୍ମ ପ୍ରଦାନ ଦେଶ ରୂପେ ସମ୍ମାନିତ । ମହିମା ଧର୍ମ ପ୍ରତିଷ୍ଠାତା ପରଂବ୍ରହ୍ମ ସ୍ୱରୂପ ଶ୍ରୀମଦ୍ ପ୍ରବୁଦ୍ଧ ଗୁରୁ ମହିମା ଗୋସାଇଁ ଗୁରୁ ସନ୍ୟାସ ବେଶରେ ଏହି ପବନ ଭୂମିରେ ଆବିର୍ଭୁତ ହୋଇ ଏକ ନିଷ୍କାମ ବ୍ରହ୍ମ ଭକ୍ତି ଗତି ମୁକ୍ତିର ପଥ ତଥା ଅଲେଖ ବ୍ରହ୍ମ ଧ୍ୱନୀ ସ୍ଥାପନ କରି ଉଦ୍ଭ୍ରାନ୍ତ ମାନବ ସମାଜକୁ ଦିବ୍ୟ ଦିଗ୍ ଦର୍ଶନ ଦେଇଯାଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବଳରାମ



@ ବିଷ୍ଣୁ



@ କ୍ରିଷ୍ଣା



@ ସନ୍ତୋଷ



@ ଗୁରୁପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରଙ୍ଗଣୀପାଟଣା ରାଧାକୃଷ୍ଣ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା

ଓଡ଼ଗାଁ,୪।୫(ନାରାୟଣ ପାଣିଗ୍ରାହୀ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ପଞ୍ଚାୟତ ରଙ୍ଗଣୀପାଟଣା ଗ୍ରାମରେ ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉଙ୍କ ପୁଣ୍ୟପୀଠରେ ମନ୍ଦିର ପ୍ରତିଷ୍ଠା ଓ ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ସୋମବାର ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ସମସ୍ତେ ନିଜ ନିଜ ଦ୍ୱାରରେ ପୂର୍ଣ୍ଣ କୁମ୍ଭ ବାଢିଥିଲେ। କସଳ ଧରିଆସିବା ସମୟରେ ଗ୍ରାମଟି ହରିବୋଲ ହୁଳହୁଳି ଶବ୍ଦ ଓ ଘଣ୍ଟ କାହାଳି ସହିତ ବାଜାରେ ଗ୍ରାମଟି ଉଛୁଳି ପଡୁଥିଲା। ସମସ୍ତେ ଗ୍ରାମ ପରିକ୍ରମା ସାରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ପଣ୍ଡିତମାନେ ଯଜ୍ଞବିଧାନ କାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବାହ୍ନରେ ସୂର୍ଯ୍ୟପୂଜା, ପୀଠପୂଜା ଏବଂ ଅପରାହ୍ନରେ ଘୃତଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସକାଳ ୬ଟାରୁ ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଥିଲା । ଏହି ନାମଯଜ୍ଞ ୩ଦିନ ଧରି ଚାଲୁରହିବ।

## ଏକଦିବସୀୟ ଦିବାରାତ୍ର ବାଲୁଙ୍କେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଶାଳଝରିଆ ଚାମ୍ପିୟନ

ଖଣ୍ଡପଡ଼ା, ୪।୫ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ପ୍ରଥମ ଦିବାରାତ୍ର ବାଲୁଙ୍କେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ଜୟ ଜଗନ୍ନାଥ କ୍ରିକେଟ କ୍ଲବ ଶାଳଝରିଆ ୨୨ ରନରେ ଆୟୋଜକ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରି ଚଳିତ ବର୍ଷର ଚମ୍ପିୟନ ହୋଇଛି। ଟସ୍ ଜିତି ଶାଳଝରିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୩ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ଟିମ୍ ୭ ଓଭରରେ ୨ ଉଇକେଟ ହରାଇ ମାତ୍ର ୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ସୁମନ୍ତ ବେହେରା ଓ ପ୍ରକାଶ ସାହୁ ମ୍ୟାଚ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ମୋର୍ଚ୍ଚା ଭାଜପା ସଭାପତି ଅଭିଳାଷ ପଣ୍ଡା ଓ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଶିଶୁ କବି କାଶୀନାଥ ଦାସ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଆୟୋଜକ ଟିମ୍‌ର ଖେଳାଳୀ ଜଗନ୍ନାଥ ପ୍ରଧାନଙ୍କୁ ମ୍ୟାନ ଅଫ ଦ ସିରିଜ ଓ ଚାମ୍ପିୟନ ଟିମ୍‌ର ଖେଳାଳୀ ବେଣୁଧର ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ସଭାପତି ସୁଶାନ୍ତ କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲିଙ୍ଗରାଜ ଧଳ ଧନ୍ୟବାଦ ଦେଇଥିଲେ।





ଅତିଥିଙ୍କ ସହ ଚାମ୍ପିୟନ ଦଳ ।

